# ବର୍ଷା ବିଗାଡ଼ିଲା ଚାଷୀର ସୁଖ
# ପାଣିରେ ଭାସିଲା ପାଚିଲା ଧାନ

**କେନ୍ଦୁଝର, ୭।୧୨(ସମିସ)**

କ୍ଷେତ୍ରରେ ଲହଡି ମାରୁଥିଲା ସୁନାର ଫସଲ। ଭଲ ଗଣ୍ଡା ଅମଳ ହେବ ବୋଲି ଆକଳନ କରିଥିଲା ଚାଷୀ। କରିଥିବା ଋଣ ସୁଝିଦେବ, ବର୍ଷକ ପାଇଁ ପରିବାରର ଦୁଃଖ ତାର ଦୂର ହୋଇଯିବ। ଏମିତି କେତେ କ'ଣ ସ୍ୱପ୍ନକୁ ନେଇ ଆକଳନ କରୁଥିବା ବେଳେ ସବୁ କିଛି ବିଗାଡିଦେଲା ବାତ୍ୟାଜନିତ ବର୍ଷା। ଏବେ ପାଣିରେ ଭାସିଛି ପାଚିଲା ଧାନ। ସେ ଧାନକୁ ଅମଳ କରିହେବ କି ନାହିଁ ଏନେଇ ସନ୍ଦେହରେ ଚାଷୀ।

କେନ୍ଦୁଝର ଜିଲ୍ଲାରେ ଧାନକଟା ଓ ଧାନଅମଳ ଆରମ୍ଭ ହୋଇଯାଇଥିଲା। ସ୍ଥାନେ ସ୍ଥାନେ ଧାନକଟା ଅଧାରୁ ଅଧିକା ସରିଥିବା ବେଳେ ଆନନ୍ଦପୁର ଉପକଣ୍ଠରେ ଧାନକଟା ପଛରେ ପଡ଼ିଛି। ଏଭଳି ପରିସ୍ଥିତିରେ ଲଘୁଚାପ ପ୍ରଭାବରେ ଗତ ଦୁଇଦିନ ହେବ ଝିପିଝିପି ବର୍ଷା ଲାଗିରହିବା ଫଳରେ ବିଭିନ୍ନ ସ୍ଥାନରେ ପାଚିଲା ଧାନ କ୍ଷେତ ଏବଂ କଟାଯାଇ କ୍ଷେତରେ ପଡ଼ିଥିବା ପାଚିଲା ଧାନ କ୍ଷତିଗ୍ରସ୍ତ ହୋଇଛି। କୃଷି ବିଭାଗ ଜିଲ୍ଲାରେ କେଉଁ ସ୍ଥାନରେ ପାଚିଲା ଧାନ କ୍ଷତିଗ୍ରସ୍ତ ହେବାକୁ ଅଛି ନା ନାହିଁ ସେ ସମ୍ପର୍କରେ କ୍ଷେତ୍ର ପରିଦର୍ଶନ ପରେ ରିପୋର୍ଟ କରିବ ବୋଲି ସୂଚନା ମିଳିଛି। ଜିଲ୍ଲାରେ ସେଭଳି ଯୋର ବର୍ଷା ହୋଇନଥିଲେ ମଧ୍ୟ ଝିପିଝିପି ବର୍ଷା ଅମଳ ହେବାକୁ ଥିବା ପାଚିଲା ଧାନକୁ କ୍ଷତି ପହଞ୍ଚାଇବା ଆଶଙ୍କାକୁ ଏଡାଇ ହେଉନାହିଁ।

ପାଣିପାଗ ବିଭାଗର ସୂଚନା ଅନୁସାରେ ଗୁରୁବାର ଜିଲ୍ଲାର ସଦର ବ୍ଲକ ଅଞ୍ଚଳରେ ୨୮.୪ ମିଲିମିଟର



ବର୍ଷା ହୋଇଥିବା ବେଳେ ବାଂଶପାଳ ବ୍ଲକରେ ୨୮.୪ ମିମି, ତେଲକୋଇ ବ୍ଲକରେ ୧୯.୨ ମିମି, ପାଟଣା ବ୍ଲକରେ ୨୦.୪ ମିମି, ସାହାରପଡ଼ା ବ୍ଲକରେ ୨୨.୪ ମିମି, ଘଟଗାଁରେ ୧୨.୫ ମିମି, ହରିଚନ୍ଦନପୁର ବ୍ଲକରେ ୧୧.୦ ମିମି, ଆନନ୍ଦପୁରରେ ୧୯ ମିମି, ଘଷିପୁରା ବ୍ଲକରେ ୩୦.୧ ମିମି, ହାଟଡିହି ବ୍ଲକରେ ୯.୩ ମିମି, ଚମ୍ପୁଆରେ ୩୨.୨ ମିମି, ଯୋଡ଼ା ବ୍ଲକରେ ୩୪.୩ ମିମି ଏବଂ ଝୁମ୍ପୁରା ବ୍ଲକ ଅଞ୍ଚଳରେ ୨୫.୬ ମିମି ବର୍ଷା ହୋଇଯାଇଛି। ଦିନତମାମ ପାଗ କୋହଲା ରହିଥିବା ବେଳେ ଶୁକ୍ରବାର ମଧ୍ୟ ପାଗ ଖରାପ ରହିବା ସମ୍ଭାବନା ରହିଛି। ପୂର୍ବରୁ ମଙ୍ଗଳବାର ରାତ୍ରିରୁ ବିଭିନ୍ନ ସ୍ଥାନରେ ଝିପିଝିପି ବର୍ଷା ହେବା ସହ ବୁଧବାର ଦିନତମାମ ଅଳ୍ପଅଳ୍ପ ବର୍ଷା ହୋଇଥିଲା। ଫଳରେ ଯେଉଁ ଅଞ୍ଚଳରେ ପାଚିଲା ଧାନ କ୍ଷେତରେ କଟା ହୋଇ ପଡ଼ିରହିଛି ଏବଂ କ୍ଷେତରେ ପାଣି ଜମିଛି ସେଠାରେ ପାଣି ନିଷ୍କାସନ ହୋଇନପାରିଲେ ଫସଲ କ୍ଷତି ହେବାର ଆଶଙ୍କା ରହିଛି। ତେବେ ପ୍ରାଥମିକ ଭାବେ ମିଳିଥିବା ସୂଚନା ଅନୁସାରେ ଘଷିପୁରା ବ୍ଲକର ତରୁଆଁ, ରାମଚନ୍ଦ୍ରପୁର ସମେତ ଆଉ କେତେକ ଅଞ୍ଚଳରେ କଟା ଧାନ କ୍ଷେତରେ ପଡ଼ିଥିବାରୁ ଶିଘ୍ର ଘରକୁ ନେଇନପାରିଲେ ଧାନ ଗଜା ହୋଇ କ୍ଷତି ହେବାର ଆଶଙ୍କା ରହିଛି। ସେହିପରି ଜମିରେ ପାଚିଲା ଧାନ ଲୋଟି ପଡ଼ିଥିବା ବେଳେ କ୍ଷେତରେ ପାଣି ଜମିବାରୁ ଧାନ କ୍ଷତି ହେବାର ସମ୍ଭାବନା ରହିଛି। ଏପଟେ ଚମ୍ପୁଆ ବ୍ଲକର କେତେକ ସ୍ଥାନରେ ପାଚିଲା ଧାନ କ୍ଷେତରେ ପଡ଼ିରହିଥିବାରୁ ଚାଷୀ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଥିବାରୁ କୃଷି ବିଭାଗର କର୍ମଚାରୀମାନେ କ୍ଷୟକ୍ଷତି ସମ୍ପର୍କରେ କ୍ଷେତ୍ର ପରିଦର୍ଶନ ପରେ ଜଣାପଡ଼ିବ। ତେବେ ସଦର ବ୍ଲକ ଅଞ୍ଚଳରେ ଅଧାରୁ ଅଧିକ ଚାଷଜମିରେ ଧାନକଟା ସରିଲାଣି। ବିଶେଷକରି ଧାନକଟା ମେସିନରେ ଚାଲିଥିବାରୁ ଅମଳ ଧାନ ଘରକୁ ଯାଇ ସାରିଥିବା ବେଳେ କେବଳ ଚାଷ ଜମିରେ ପଡ଼ିଥିବା ଏବଂ ପାଚିଲା କ୍ଷେତରେ ଥିବା ଧାନକୁ ନେଇ ଚାଷୀ ଚିନ୍ତାରେ ରହିଛି। ଲଗାଣ ବର୍ଷା କାରଣରୁ ଧାନଫସଲ କ୍ଷତି ସମ୍ପର୍କରେ କେନ୍ଦୁଝର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମିହିର କୁମାର ସାହୁଙ୍କ ମତାମତ ନେବାରୁ ଲଗାଣ ବର୍ଷା ଯୋଗୁଁ ଧାନ ଫସଲ କ୍ଷୟକ୍ଷତି ବାବଦରେ ଜାଣିବା ନିମନ୍ତେ କ୍ଷେତ୍ରକୁ ଯାଇ ତଥ୍ୟ ଦେବାକୁ ସମସ୍ତ ବ୍ଲକର କୃଷି ବିଭାଗକୁ କୁହାଯାଇଛି। ରିପୋର୍ଟ ଆସିଲେ ବର୍ଷା କାରଣରୁ କେତେ ଧାନ ଫସଲ ନଷ୍ଟ ହୋଇଛି ସେ ସମ୍ପର୍କରେ ତଥ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି।



## କ୍ଷେତରେ ଜମିଛି ବର୍ଷା ପାଣି

**ଆନନ୍ଦପୁର:** ଲଘୁଚାପ ଜନିତ ବର୍ଷା ଯୋଗୁଁ ଅମଳ ହେବାକୁ ଧାନ ସମ୍ପୂର୍ଣ୍ଣ ନଷ୍ଟ ପ୍ରାୟ ହୋଇଯାଇଛି। ଗତ ବୁଧବାରଠାରୁ ଝିପି ଝିପି ବର୍ଷା ଯୋଗୁଁ ଧାନ କ୍ଷେତରେ ବର୍ଷାପାଣି ଜମି ରହିଛି। ବୁଡା ପାଣି ନହେଲେ ମଧ୍ୟ ସୁଲୁସଲିଆ ପବନରେ ଧାନଗଛ ଶୋଇ ଯାଇଥିବା ବେଳେ ବର୍ଷା ପାଣି ଖାଇ କାଟିବା ଅଯୋଗ୍ୟ ହୋଇପଡ଼ିଛି। ବର୍ଷା ଯୋଗୁଁ କାଟିବା ପାଇଁ ମଜୁରିଆ ମିଳୁନଥିବା ଯୋଗୁଁ ଚାଷୀକୂଳ ମୁଣ୍ଡରେ ହାତ ଦେଇ ହତାଶ ହୋଇପଡ଼ିଛନ୍ତି। ଲଗାଣ ବର୍ଷା ଯୋଗୁଁ କ୍ଷେତକୁ ଧାନକଟା ମେସିନ ଯାଇପାରୁନାହିଁ। କେତେକ ଅଞ୍ଚଳରେ କଟା ଯାଇଥିବା ଫସଲ ଖଳାକୁ ଆଣିବା ଅସମ୍ଭବ ହୋଇପଡ଼ିଛି। କଟା ଯାଇନଥିବା ଧାନ କ୍ଷେତରେ ପଡ଼ି ନଷ୍ଟ ହୋଇଯାଇଛି। ଧାର-କରଜ-ଋଣ କରି ଚାଷ କରିଥିବା ଚାଷୀ ଭାଙ୍ଗି ପଡ଼ିଥିବା ବେଳେ ଭାଗଚାଷ କରିଥିବା ଚାଷୀ ବିଲକୁ ଚାହିଁ ଚାହିଁ ଆତ୍ମହରା ହୋଇପଡ଼ିଛନ୍ତି। ଆନନ୍ଦପୁର ବ୍ଲକର ବନିକା, ଗୁହାଳିଆ, ପଞ୍ଚୁପଲୀ, ହରିଡାପାଳ, ମଙ୍ଗଳପୁର, ଜଳସୁଆଁ, ଚାଟରା, ସଡଙ୍ଗ, ସୁହୁରିଆ, ବାଉଁଶଗଡ଼, ଭୋଗପୁର, ବାଳକାଟି, ଡୁଡୁଗାଁ, କଣ୍ଟିପାଳ, ହାଟଡିହି ବ୍ଲକର ରମ୍ଭାସ, ସମଣା, ଆମ୍ବୋ, ଡଅଁର, ଗେଡ଼ମା, ଆଇତିପୁର, ଢେଙ୍କା, ସୋସୋ, ସୁନ୍ଦରାପାଳ, ନାଗାଡାହି, କଳିଗାଁ, ତାମ୍ପଳା, ବାଡୋ, ଉଲ୍ଲଳ, ମଧୁକେଶରୀ, ପୁଲୁରି ଗଡ଼ିଆ, ତମ୍ପୋ, ଅଞ୍ଜିରା, ମଧୁକେଶରୀ ଅଞ୍ଚଳରେ କ୍ଷେତରୁ ଧାନକାଟିବା ପାଇଁ ଚାଷୀମାନେ ମଜୁରିଆ ଠିକ୍ ପ୍ରସ୍ତୁତ ହେଉଥିବା ବେଳେ ଲଘୁଚାପ ବର୍ଷାରେ ଚଳିତ ବର୍ଷର ଫସଲ ନଷ୍ଟ ହୋଇଯାଇଛି। ହାତ ଉଧାର- କରଜରେ ଟଙ୍କା ଆଣି- ମୁଣ୍ଡ ଝାଳ ତୁଣ୍ଡରେ ମାରି ମାସ ମାସ ଧରି ଫସଲ ଜଗାରଖି କରିବା ପରେ ବର୍ତ୍ତମାନର ପରିସ୍ଥିତି ଚାଷୀଜଳ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଦୁଇଦିନ ଧରି ଲଗାଣ ଝିପିଝିପି ବର୍ଷା ଯୋଗୁଁ ବର୍ଷକର ଅମଳଧାନକୁ ଉଦ୍ଧାର କରିବା ପାଇଁ ଅନେକ ସ୍ଥାନରେ ଚାଷୀମାନେ ପ୍ରାଣପଣେ ଉଦ୍ୟମ କରୁଥିବା ପରିଲକ୍ଷିତ ହୋଇଛି। ପ୍ରଶାସନ ପକ୍ଷରୁ ଏପରି କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବାକୁ ଦାବି ହୋଇଛି।

## ପାଚିଲା ଧାନରେ ଗଜା ଆଶଙ୍କା



**ଘସିପୁରା :** ବାତ୍ୟା ମିଗଜୋମ୍ ପ୍ରଭାବରେ ଘସିପୁରା ବ୍ଲକର ଅନେକ ପଞ୍ଚାୟତରେ ଏକର ଏକର ଧାନକ୍ଷେତ ପାଣି ଘେରରେ ରହିଥିବା ଦେଖିବାକୁ ମିଳିଛି। ଗତକାଲିଠାରୁ ଦିନ ତମାମ୍ ଝିପି ଝିପି ବର୍ଷା ଲାଗି ରହିବା ପରେ ଆଜି ସକାଳୁ ବର୍ଷା ଛାଡି ଯାଇଥିଲେ ସୁଦ୍ଧା ଅନେକ ଗହିର ବିଲରେ ପାଣି ଜମିବା ଯୋଗୁଁ ପାଚିଲା ଧାନରେ ଗଜା ହେବା ଆଶଙ୍କା ବଢ଼ିଯାଇଛି। କେତେକ ସ୍ଥାନରେ ଚାଷୀ କଟା ଧାନକୁ ପାଣିରୁ ଛାଣି ଶୁଖିଲା ସ୍ଥାନରେ ରଖିବାକୁ ପ୍ରୟାସ କରୁଛନ୍ତି। ପାଚିଲା ଧାନ ଅମଳ ସମୟରେ ଅଦିନିଆଁ ବର୍ଷା ଚାଷି ମୁଣ୍ଡରେ ଚଡ଼କ ପକାଇଛି। ତରୁଆଁ ପଞ୍ଚାୟତର ଦାମୋଦର ବେହେରା, ହରିହର ଭଞ୍ଜ, ବିରଭଦ୍ର ଭଞ୍ଜ, ଦିଲ୍ଲିପ ବେହେରା ଏବଂ ରାମଚନ୍ଦ୍ରପୁର ପଞ୍ଚାୟତର ରାମଚନ୍ଦ୍ର ସାହୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ କରିଛନ୍ତି। ସେପଟେ ଘସିପୁରା ବ୍ଲକର ଭଣ୍ଡାରିଡିହା, ତରିମୂଳ, ରାଧିକାଦେଇପୁର, ଦେଓଗାଁ, ଗୋହିରା, ବିରଗୋବିନ୍ଦପୁର, ଗଡ଼ବାନ୍ଧଗୋଡ଼ା, ଗଁପୁର, କେଶଦୁରାପାଳ, ମଦନପୁର, ମଛାଳୋ, ଅଳତି ପ୍ରଭୃତି ପଞ୍ଚାୟତରୁ ଅନେକ ଚାଷୀ ସମାନ ଅଭିଯୋଗ ଆଣି କ୍ଷୟକ୍ଷତି ଭରଣା ପାଇଁ କୃଷି ବିଭାଗ ନିକଟରେ ଦାବି ରଖିଛନ୍ତି। ସେପଟେ ଅଦିନିଆଁ ବର୍ଷା ଯୋଗୁଁ କେତେକ ସ୍ଥାନରେ ଧାନ ଫସଲ ପ୍ରଭାବିତ ହୋଇଥିବା ଖବର କୃଷି ବିଭାଗର ହସ୍ତଗତ ହୋଇଛି। କୃଷି ଓ ରାଜସ୍ୱ ବିଭାଗର ମିଳିତ ସମନ୍ୱୟରେ ପ୍ରଭାବିତ କ୍ଷେତ୍ର ଯାଞ୍ଚ କରାଯାଇ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବା ପରେ ଯାହା କ୍ଷତିପୂରଣ ମିଳିବ ବୋଲି ବ୍ଲକ କୃଷି ଅଧିକାରୀ ଶୁଭଶ୍ରୀ ନାୟକ କହିଛନ୍ତି।

## ଜନଜୀବନ ବେହାଲ; ଚିନ୍ତାରେ ଚାଷୀ

**ତୁରୁମୁଙ୍ଗା :** ସାମୁଦ୍ରିକ ବାତ୍ୟା ମିଗଜାମ ପ୍ରଭାବରେ କେନ୍ଦୁଝର ଜିଲ୍ଲା ପାଟଣା ଓ ସାହାରପଡ଼ା ବ୍ଲକ ଅଞ୍ଚଳରେ ମଙ୍ଗଳବାର ରାତିରୁ ଝିପି ଝିପି ବର୍ଷା ସାଙ୍ଗକୁ କୋହଲା ପାଗ ଲାଗିରହିଛି। ଫଳରେ ଜନଜୀବନ ପ୍ରଭାବିତ ହୋଇଛି। ହାଟବଜାର, ବସ୍‌ଷ୍ଟପ୍, ସର୍ବସାଧାରଣ ସ୍ଥଳିରେ ଖାଁ ଖାଁ ଲାଗିରହିଛି। ବର୍ଷା ଯୋଗୁଁ ବିଲ ଓ ଖଳାରେ ଅମଳ ପାଇଁ କଟାଯାଇ ଗଛିତ ଥିବା ଧାନ ବିଡ଼ା ସବୁ ଓଦା ହେବା ସହ ଧାନ ବିଲରେ ପାଣି ଜମି ରହିଛି। କେହି କେହି ବର୍ଷା ପୂର୍ବରୁ କଞ୍ଚା ଧାନ ସବୁ କାଟି ନେଉଥିବା ଦେଖିବାକୁ ମିଳିଛି। ଆଗକୁ ଏଭଳି ବର୍ଷା ଲାଗି ରହିଲେ ଅମଳ ପାଇଁ ମହଜୁଦ ଥିବା



ଧାନ ଗଜା ହେବା ଆଶଙ୍କା ଉପୁଜିଛି। ପ୍ରଥମେ ନିଅଣ୍ଟିଆ ବର୍ଷା ସାଙ୍ଗକୁ ଏବେ ଅମଳ ସମୟରେ ଲଗାଣ ବର୍ଷାକୁ ନେଇ ଚାଷୀକୂଳ ଚିନ୍ତାରେ ପଡ଼ିଛନ୍ତି। କୃଷି ବିଭାଗ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ କୃଷକ ନେତା ପୂର୍ଣ୍ଣଚନ୍ଦ୍ର ରାଉତ ଦାବି କରିଛନ୍ତି।

## ବର୍ଷାରେ ଭିଜି ବୃଦ୍ଧା ମୃତ

**ତୁରୁମୁଙ୍ଗା :** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଭୃଙ୍ଗରାଜପଶି ତେଲିବନ୍ଧ ସାହିରେ ଜନୈକ ବ୍ୟକ୍ତିଙ୍କ ଘର ସମ୍ମୁଖରୁ ବୁଧବାର ସକାଳୁ ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ବୃଦ୍ଧା ରାଜନଗର ପଞ୍ଚାୟତ ନୂଆଖମଣ ଗ୍ରାମର ଅପସରି ନାଏକ ବୋଲି ଜଣାପଡ଼ିଛି। ସେ ଅଞ୍ଚଳରେ ଭିକ୍ଷାବୃତ୍ତି କରି ଚଳି ଆସୁଥିଲେ। ଗତରାତିରେ ସେ ଘର ସମ୍ମୁଖରେ ପଡ଼ି ରହିଥିବା ବେଳେ ରାତି ସାରା ତୁହାକୁ ତୁହା ବର୍ଷା କାକର ଯୋଗୁଁ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଖବର ପାଇ ତୁରୁମୁଙ୍ଗା ପୁଲିସ ପକ୍ଷରୁ ଏଏସଆଇ ନରେଶ ଓରାମ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଦୁର୍ଗାମଣ୍ଡପ ପାଇଁ ଭୂମି ପୂଜା

**ହାଟଡିହି, ୭।୧୨(ସମିସ):** ହାଟଡିହି ବ୍ଲକ ମରେଇଗାଁର ନୂତନ ଦୁର୍ଗା ମଣ୍ଡପ ନିର୍ମାଣ ପାଇଁ ଗୁରୁବାର ଭୂମି ପୂଜା କରାଯାଇଛି। ବ୍ରାହ୍ମଣ ଅଜିତ୍ ତ୍ରିପାଠୀ ପୂଜାପାଠ କରିଥିବା ବେଳେ ବାବୁଲି ଦାଶ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମ ସମୟରେ ନିର୍ମଳ ବାରିକ୍, ପ୍ରଶାନ୍ତ ସେଠୀ, ଶରତ ସେଠୀ, ଗୋପାଳ ରାଉତ, ନିର୍ମଳ ମଲ୍ଲିକ, ପ୍ରତାପ ଦାସ, ଦୁଃଶାସନ ସାହୁ, ପ୍ରଭଞ୍ଜନ ଦାଶ, ଆଲୋକ ବେହେରା, ବୁଧଦେବ ସାହୁ, କିଶୋର ସୁରେନ୍, ଦେବାଶିଷ୍ ପ୍ରମୁଖ କମିଟିର ବହୁ ସଦସ୍ୟ ଓ ଗ୍ରାମର ବରିଷ୍ଠ ସଦସ୍ୟ ଉପସ୍ଥିତ ରହିଥିଲେ।

## ଚଣ୍ଡିମନ୍ଦିର ନିର୍ମାଣ ପାଇଁ ଭୂମି ପୂଜା

**ହାଟଡିହି, ୭।୧୨(ସମିସ):** ହାଟଡିହି ବ୍ଲକ ନୂଆ ରମ୍ଭାସ ଗ୍ରାମର ଆରାଧ୍ୟା ଦେବୀ ମା'ଚଣ୍ଡି ମାତାଙ୍କ ପୁନଃମନ୍ଦିର ନିର୍ମାଣ ପାଇ ଭୂମି ପୂଜନ କରାଯାଇଛି। ନୂଆ ରମ୍ଭାସ ଗ୍ରାମରେ ଥିବା ଚଣ୍ଡି ଠାକୁରାଣି ପ୍ରାୟ ୨୦୦ ବର୍ଷରୁ ଉର୍ଦ୍ଧ୍ୱ ହେବେ ଏଠାରେ ପୂଜା ପାଉଛନ୍ତି। ବହୁତ ଦିନ ତଳୁ ନିର୍ମାଣ ହୋଇଥିବା ପୁରୁଣା ମନ୍ଦିରଟି ଏବେ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଗଲାଣି। ଏହାକୁ ନେଇ ଗ୍ରାମବାସୀ ନୂତନ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତ ହୋଇଛନ୍ତି। ସେଥିପାଇଁ ଯାଥାବିଧି ଅନୁଯାୟୀ ପୂଜାର୍ଚ୍ଚନା କରି ଭୂମି ପୂଜନ କରାଯାଇଛି। ଏହି ଭୂମି ପୂଜା କାର୍ଯ୍ୟରେ ପୂଜକ ରଞ୍ଜନ କୁମାର ପଣ୍ଡା, ରବୀନ୍ଦ୍ର ପଣ୍ଡା, ପ୍ରକାଶ କୁମାର ପଣ୍ଡା, ପୁନିଆ ପଣ୍ଡା ଯୋଗଦେଇଥିଲେ। କର୍ତ୍ତା ଭାବେ କୃଷ୍ଣଚନ୍ଦ୍ର ସୁତାର ଓ ତାଙ୍କ ପତ୍ନୀ ସଂକଳ୍ପ କରିଥିଲେ।

## ଧାନକିଣା ପାଇଁ ରାଇସ୍ ମିଲ୍‌ର ପୂଜାର୍ଚ୍ଚନା

**ହାଟଡିହି, ୭।୧୨(ସମିସ):** ହାଟଡିହି ବ୍ଲକର ବିରଭଦ୍ର ରାଇସ ମିଲ୍‌ର ଧାନ କିଣିବା ପାଇଁ ଆଜି ରାଇସ୍ ମିଲର ରିତିନିତି ଅନୁଯାଇ ପୂଜାର୍ଚ୍ଚନା ହୋଇଛି। ଶିଳ୍ପପତି ପର୍ଶୁରାମ ପେଡ଼ାଙ୍କ ବଡ଼ ପୁଅ ପବିତ୍ର ପେଡ଼ା କର୍ତ୍ତାଭାବେ ଦାୟୀତ୍ୱ ତୁଲାଇଥିଲେ। ସାନ ପୁଅ ଚଗୁଲ ପେଡ଼ା, ମ୍ୟାନେଜର ଗୋଲକ ରାଉତ ଓ କର୍ମଚାରୀ ଗୋପାଳ ପତି, ଅଭିନାଶ ପଣ୍ଡା, ସନ୍ତୋସ ମୁଦୁଲି, ଜଗନ୍ନାଥ ବାରିକ ସମେତ୍ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ତା'ଛଡା ଶିଳ୍ପପତି ପଶୁରାମ ପେଡ଼ା ଓ ତାଙ୍କ ଧର୍ମ ପତ୍ନୀ ସମେତ୍ ପରିବାର ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ସେହିପରି ମା' ମାଧୋଇ ରାଇସ୍ ମିଲର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି। ସରକାରଙ୍କର ଧାନ କିଣା ଶୁଭାରମ୍ଭ ହେଲେ ଧାନ କିଣାଯାଇ ରଖାଯିବ ବୋଲି ମିଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି।

## ଏକ ଦିବସୀୟ ଯୋଗ ଶିବିର

**ଚମ୍ପୁଆ, ୭।୧୨(ସମିସ):** 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଆନୁକୂଲ୍ୟାରେ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଦିବସୀୟ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର କର ଏହି ଶିବିରକୁ ଉଦ୍‌ଘାଟନ କରିବା ସହିତ ଯୋଗ ଦ୍ୱାରା ଶରୀର, ମନ, ଚିନ୍ତା ଓ କର୍ମରେ ଏକାଗ୍ରତା ଆସିବା ସହିତ ସୁସ୍ଥ ଜୀବନ ଶୈଳୀର ଅୟମାରମ୍ଭ ହୋଇପାରିଥାଏ। ବର୍ତ୍ତମାନ ଭାରତର ଏହି ଯୋଗ ସାରା ବିଶ୍ୱରେ ବନ୍ଦିତ ହେବା ସହିତ ଭାରତ ବିଶ୍ୱ ଗୁରୁର ପରିଚୟ ହୋଇପାରିଛି ବୋଲି ମତ ଦେଇଥିଲେ। ଏହି ଶିବିରରେ ଯୁବକ ଓ ଯୁବତୀମାନଙ୍କ ପାଇଁ ଅପରିହାର୍ଯ୍ୟ ଅଟେ। ଏହି ପରିପ୍ରେକ୍ଷିରେ ଯୋଗ ଶିକ୍ଷକ ବସନ୍ତ କୁମାର ମହାନ୍ତି ଛାତ୍ରଛାତ୍ରୀଙ୍କୁ ଯୋଗଭ୍ୟାସ କରାଇଥିବା ବେଳେ ନୋଡାଲ ଅଫିସର ପ୍ରସାନ୍ତ କୁମାର ନନ୍ଦ, ଡ. ସୁନିଲ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଗିରି, ଲିପିକା ପ୍ରଧାନ, ରିତା ଚାତାର, ରଶ୍ମିରେଖା ବେହେରା ଓ ରଞ୍ଜୀତା ମୁଣ୍ଡା ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକାମାନେ ଏହାକୁ ପରିଚାଳନା କରିଥିଲେ।

## କୃତୀ ଛାତ୍ରଛାତ୍ରୀ ପୁରସ୍କୃତ



**ହାଟଡିହି, ୭।୧୨(ସମିସ):** ହାଟଡିହି ବ୍ଲକର ଓରାଳି ହାଇସ୍କୁଲରେ ଆମ ପୁଲିସ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଦୁଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ବିଜ୍ଞାନ ମେଳାରେ କୃତିତ୍ୱ ଅର୍ଜନ କରିଥିବା ଓମ୍‌ସାଇ ଖିଲାର୍ ଓ ବର୍ଷା ପ୍ରିୟଦର୍ଶିନୀ ସାହୁଙ୍କୁ ଅତିଥି ଭାବେ ଯୋଗ ଦେଇଥିବା ଏସ୍‌ଡିପିଓ ଆନନ୍ଦପୁର ପ୍ରଶାନ୍ତ କୁମାର ବେହେରା, ନନ୍ଦିପଦା ଥାନା ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର, ଓରାଳି ହାଇସ୍କୁଲ ପ୍ରଧାନ ଶିକ୍ଷକ ଅନିଲ କୁମାର ସିଂ, ଓରାଳି ପଞ୍ଚାୟତ ସରପଞ୍ଚ ହରିଶ୍ଚନ୍ଦ୍ର ଜେନାଙ୍କ ଉପସ୍ଥିତିରେ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା।

## ମୋ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**କେନ୍ଦୁଝର, ୭।୧୨(ସମିସ)**




କେନ୍ଦୁଝର ସହର ପାର୍କଲାଇନ ସ୍ଥିତ ଅଡିଟୋରିୟମ ଠାରେ ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କ ନେତୃତ୍ୱରେ ଯୁବ ଓ ଛାତ୍ର ଜନତାଦଳ ପକ୍ଷରୁ 'ମୁଁ ବି ହେବି ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୁବ ବିଜେଡି ଜିଲ୍ଲା ସଭାପତି ରାକେଶ ରାମ୍ ସଭାପତିତ୍ୱ କରିଥିଲେ। ଯୁବ ବିଜେଡି ରାଜ୍ୟ ସଭାପତି ବ୍ୟୋମକେଶ ରାୟ, ରାଜ୍ୟ ଛାତ୍ର ସଭାପତି ଦେବୀରଞ୍ଜନ ତ୍ରିପାଠୀ, କେନ୍ଦୁଝର ସହ ପର୍ଯ୍ୟବେକ୍ଷକ ସୁବ୍ରତ ଛାଟେଇ, ରାଜ୍ୟ ଛାତ୍ରଯୁବ ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତରାୟ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଜଗନ୍ନାଥ ନାଏକ, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଯୋଗଦେଇଥିଲେ। ଯୁବଗୋଷ୍ଠୀ ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମରେ ସାମିଲ ହେବାକୁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ ବିଜେଡି ଉପସଭାପତି ସୌମ୍ୟ ଶଙ୍କର ଚକ୍ର, କେସିସି ବ୍ୟାଙ୍କ ସଭାପତି କାନନ ବିହାରୀ ପହି, ଜିଲ୍ଲାପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ବିଜେଡି ଜିଲ୍ଲା ମହିଳା ସଭାନେତ୍ରୀ ରମଣି ନାଏକ, ଜିଲ୍ଲା ପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତି, ସଦର ବ୍ଲକ ଯୁବ ବିଜେଡି ଉପସଭାପତି ଜଗଦୀଶ ଆପଟ ସମେତ ଜିଲ୍ଲା ସମସ୍ତ ନେତୃବୃନ୍ଦ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଯୌନଶୋଷଣ ରୋକିବା ନେଇ ସଚେତନତା

**ବାଲିବନ୍ଧ, ୭।୧୨ (ସମିସ):** ଝୁମ୍ପୁରା ପୁଲିସ୍ ପ୍ରଶାସନ ପକ୍ଷରୁ ଝୁମ୍ପୁରା ପଞ୍ଚାୟତ ଭାଲୁକାସ୍ଥିତ କସ୍ତୁରବାଗାନ୍ଧୀ ବାଳିକା ବିଦ୍ୟାଳୟ ପରିସରରେ ଗୁରୁବାର ଅପରାହ୍ନ ସମୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରୀ ଏବଂ ପୁଲିସ୍ ପ୍ରଶାସନଙ୍କ ସହ ଯୌନଶୋଷଣ ରୋକିବା ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ବିଦ୍ୟାଳୟ ପରିସରରେ ଏବଂ ବିଦ୍ୟାଳୟ ବାହାରେ ଛାତ୍ରୀମାନେ କିପରି ସୁରକ୍ଷିତ ରହି ପାରିବେ ଏବଂ ତାଙ୍କ ପ୍ରତି ହେଉଥିବା କୁବ୍ୟବହାର, ଅଶ୍ଳୀଳ ଇଙ୍ଗିତ ଏବଂ ଯୌନଶୋଷଣ ଭଳି ବିଷୟ ପ୍ରତି ଗୁରୁତ୍ୱ ଦେଇ, ଆମ ସମସ୍ତଙ୍କର ସହଯୋଗ ରହିଲେ ଏହାକୁ ରୋକିବାରେ ସମ୍ଭବ ହୋଇପାରିବ ବୋଲି ଝୁମ୍ପୁରା ଥାନା ଅଧିକାରିଣୀ ସମବାରୀ ହାଁସଦା ମତାମତ ରଖିଥିଲେ। ଏହା ବ୍ୟତିତ ଅନ୍ୟ ଅତିଥିଗଣ ମଧ୍ୟ ନିଜ ନିଜର ସୁଚିନ୍ତିତ ମତବ୍ୟକ୍ତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରେବତୀ ବିରୁଆ, ଥାନା ଅଧିକାରୀଣି ସମବାରୀ ହାଁସଦା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କମଳିନୀ ମହାନ୍ତ, ଝୁମ୍ପୁରା ଥାନା ଏସ୍‌ଆଇ ସନାତନ ମହାନ୍ତ, କନଷ୍ଟେବଳ ପୂର୍ଣ୍ଣମୀ ମହାନ୍ତ, ରେବତୀ ଗିରି ପ୍ରମୁଖଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ଉପସ୍ଥିତ ରହିଥିଲେ। ଶେଷରେ ଏସ୍‌ଆଇ ଶ୍ରୀ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଟ୍ରକ୍ ମଲିକ ସଂଘର କୋର କମିଟି ବୈଠକ
# ଗାଡ଼ି ମାଲିକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି

**ଯୋଡ଼ା, ୭।୧୨(ସମିସ)**

କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳରେ ଥିବା ବିଭିନ୍ନ ଗାଡି ମାଲିକ ସଂଘ ଜିଲ୍ଲା ସଂଘର କର୍ମକର୍ତ୍ତା ଓ ଗାଡି ମାଲିକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ଟ୍ରକ ମାଲିକ ସଂଘର ସମ୍ପାଦକ ସୁଶାନ୍ତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗାଡି ମାଲିକଙ୍କ ସ୍ୱାର୍ଥକୁ ରଖି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଖଣି ଅଞ୍ଚଳରେ ମୁଖ୍ୟ ବ୍ୟବସାୟ କୁହାଯାଉଥିବା ଗାଡି ମାଲିକଙ୍କ ସ୍ୱାର୍ଥ ସାଧନ ପାଇଁ ବିଭିନ୍ନ ସଂଘ ପକ୍ଷରୁ ସର୍ବଦା ତତ୍ପରତା ଦେଖା ଦେଉଥିବା ବେଳେ ସମସ୍ୟା ଗୁଡିକର ସମାଧାନ ପାଇଁ ବେଳେ ବେଳେ ପ୍ରଶାସନର ସହଯୋଗ ଲୋଡିବା ସହ ବିଭିନ୍ନ ଦାବି ଉପସ୍ଥାପନ କରିଥାନ୍ତି। ଏହି ଆଲୋଚନା ବୈଠକରେ ଯୋଡା ଅଞ୍ଚଳରେ ଥିବା ଆର୍ସେଲର୍ ମିତ୍ତଲ କମ୍ପାନୀ ନିଜର



ପାର୍କିଂ ବ୍ୟବସ୍ଥା ନକରି ଦୈନିକ ବାହାର ରାଜ୍ୟର ଶହ ଶହ ଗାଡିକୁ ରାଜ ରାସ୍ତାରେ ଛିଡା କରି ଟ୍ରାଫିକ ସମସ୍ୟା ଉପୁଜାଇବା, ତେଲ ଦର ଜନ୍ତ୍ରପାତି ଦର ବଢ଼ିବା ସହ ଦୈନନ୍ଦିନ ଜୀବନରେ ଦରବୃଦ୍ଧି ହେଉଥିବା ବେଳେ ବିଭିନ୍ନ ସେକ୍ଟରରୁ ପରିବହନ ଦର ବୃଦ୍ଧି ନ ହେବା, ଧାମରା ବନ୍ଦରରେ ଖଣିଜର ସାମାନ୍ୟ କମ୍ ପରିମାଣକୁ ନେଇ ଗାଡି ଗୁଡିକୁ ହଇରାଣ କରିବା, ଡି ଟପ ଡେସପାଚ ସିଷ୍ଟମକୁ ନେଇ ସମସ୍ୟା, ପାରାଦୀପ୍ ଠାରେ ଜିଲ୍ଲା ତଥା ଯୋଡା ବଡବିଲ ଅଞ୍ଚଳର ଗାଡି ଗୁଡିକୁ ଠିକ୍ ସମୟରେ ଖାଲି ନ କରିବା ପ୍ରଭୃତି ବିଷୟରେ ଆଲୋଚନା କରିବା ସହ ପ୍ରସାଶନିକ ସ୍ତରରେ ଏହାର ସମାଧାନ ପାଇଁ ଯୋଗାଯୋଗ କରିବା ପ୍ରଭୃତି ଆଲୋଚ୍ୟ ବିଷୟ ରହିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା ପାଇପ ଲାଇନ ଦ୍ୱାରା ଖଣିଜ ପରିବହନ, ଏମିତି ହେଲେ ଜିଲ୍ଲାର ହଜାର ହଜାର ଗାଡି ମାଲିକ କାର୍ଯ୍ୟହରା ହୋଇ ପଡ଼ିରହିବେ ତେଣୁ ଏହାର ପ୍ରତିକାର ବିଷୟରେ ଆଲୋଚନା ହୋଇଥିଲା। ଏହା ସହିତ ଗାଡ଼ିମାଲିକମାନଙ୍କ ଅନ୍ୟ ସମସ୍ୟା ଗୁଡିକ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ଆଲୋଚନା ବୈଠକରେ ଜିଲ୍ଲା ଟ୍ରକ ସଂଘ ପକ୍ଷରୁ ଦେବୁ ପଟ୍ଟନାୟକ, ଯୋଡା ଟ୍ରକ ସଂଘ ପକ୍ଷରୁ ସମ୍ପାଦକ ସୁଶାନ୍ତ କୁମାର ବାରିକ, ସହସମ୍ପାଦକ ଅଶୋକ କାରୁଆ, କୋଷାଧ୍ୟକ୍ଷ ରାଜେଶ ରୋଶନ, ଭଦ୍ରାସାହି ଟ୍ରକ ସଂଘ ପକ୍ଷରୁ ବାପି ବାରିକ, ବଡବିଲ ଟ୍ରକ ମାଲିକ ସଂଘ ପକ୍ଷରୁ ବିକାଶ ସରୌଗୀ, ଆଞ୍ଚଳିକ ଟ୍ରକ ସଂଘ ପକ୍ଷରୁ ରାଜେନ୍ଦ୍ର ବାରିକଙ୍କ ସମେତ ଅନ୍ୟାନ୍ୟ କର୍ମକର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

## ହାତୀ ଆକ୍ରମଣରେ ଭାଙ୍ଗିଲା ଘର

**ବୈଶିଙ୍ଗା, ୭ ।୧୨(ସମିସ):** ବୈଶିଙ୍ଗାଥାନା ଅଧୀନ କୁରାଡିକ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ବଣୁଆ ହାତୀ ପଶି ଘର ଉପରେ ଆକ୍ରମଣ କରି ଘର ଭାଙ୍ଗିଦେବା ସହିତ ବ୍ୟାପକ ଆସବାବପତ୍ର ଏବଂ ଧାନ, ଚାଉଳ ନଷ୍ଟ ସମେତ କ୍ଷେତରେ ଫସଲ ନଷ୍ଟକୁ ନେଇ ଚାଷୀ



ଅତିଷ୍ଠ ହୋଇପଡ଼ିଛନ୍ତି। ସୂଚନା ମୁତାବକ ଦୁଇଟି ବଣୁଆ ହାତୀ ବୁଧବାର ବିଳମ୍ବିତ ରାତିରେ କୁରାଡିକ ଗ୍ରାମରେ ପ୍ରବେଶ କରିଥିଲେ। ଖାଦ୍ୟ ଅନ୍ୱେଷଣରେ ଗ୍ରାମର ରାତୁ ହାଁସଦାଙ୍କ ଘରଉପରେ ଆକ୍ରମଣକରି ଘର ଭାଙ୍ଗିଦେବା ସହିତ ଅମଳକରି ରଖିଥିବା ଧାନ, ଚାଉଳ ଖାଇ ନଷ୍ଟ କରିପକାଇଥିଲେ। ଏଥିସହିତ ଘରର ଆସବାସପତ୍ର ମଧ୍ୟ ଘରକାନ୍ଥ ତଳେ ଚାପିହୋଇ ଏବଂ ହାତୀ ଦଳିମକଚି ବ୍ୟାପକ କ୍ଷୟକ୍ଷତି ଘଟାଇଥିଲେ। ଖବରପାଇ ଗଜସାଥୀ ସଚ୍ଚିଦାନନ୍ଦ ମହାନ୍ତ ଏବଂ ନରେନ୍ଦ୍ର ମହାନ୍ତ ପ୍ରମୁଖ ରାତିରେ ପହଞ୍ଚି ହାତୀକୁ ଘଉଡାଇଥିଲେ। କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ଶୋଭନୀୟ ଶିକ୍ଷାଶ୍ରମର ସଫଳତା





**କରଞ୍ଜିଆ, ୭।୧୨(ସମିସ):** କରଞ୍ଜିଆର ଆଦର୍ଶ ଓ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶୋଭନୀୟ ଶିକ୍ଷାଶ୍ରମ ଚଳିତ ବର୍ଷ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବାରୁ ଅଭିଭାବକ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଚଳିତ ଶିକ୍ଷାବର୍ଷରେ କରଞ୍ଜିଆ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ତୃତୀୟ ବୃତ୍ତି ପରୀକ୍ଷାରେ ମୋଟ ୭ ବିଦ୍ୟାର୍ଥୀଙ୍କ ମଧ୍ୟରୁ ଏହି ବିଦ୍ୟାଳୟ ୩ ଜଣ ଛାତ୍ରଛାତ୍ରୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଲେ ଦିପ୍ତୀମୟୀ ମହାନ୍ତ (୮୮%)ଅଭିଷେକ ପୂର୍ତ୍ତି (୮୪%)ଓ ଝୁମିରାଣୀ ମହାନ୍ତ (୮୨%)। ଏହି ସଫଳତା ପଛରେ ଶଭୋନୀୟ ଶିକ୍ଷାଶ୍ରମର ଅଧ୍ୟକ୍ଷା କଳ୍ପନା ସେଠ୍, ଗୁରୁମା ଦିପ୍ତୀମୟୀ ପାଣିଗ୍ରାହୀ ଓ ଭାରତୀ ପଟ୍ଟନାୟକଙ୍କ ଉଦ୍ୟମ ରହିଥିଲା। ଏହି ଶିକ୍ଷାର୍ଥୀଙ୍କ ଶିକ୍ଷା ସହିତ ଖେଳ, ବକ୍ତୃତା, ପ୍ରବନ୍ଧ, ସଙ୍ଗୀତ ଆଦି ରୁଚି ରହିଛି। ତେଣୁ ବିଭିନ୍ନ ପ୍ରତିଯୋଗିତାରେ ଏହି ଛାତ୍ରଛାତ୍ରୀଙ୍କ ସଫଳତା ରହିଥିଲା।

## ବର୍ଷାରେ କେନାଲ ବନ୍ଧ ରାସ୍ତା ଦବିଲା

**କୁଳିଅଣା, ୭।୧୨(ସମିସ):** କୁଳିଅଣା ବ୍ଲକକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ୧୮ ନଂ. କୁଚେଇ ଛକରୁ ହଳଦିଆ ଦେଇ ଯାଇଥିବା ରାସ୍ତାର ହଳଦିଆ ବନ୍ଧ ଦକ୍ଷିଣ କେନାଲ ରାସ୍ତା ବର୍ଷାରେ ଦବିଯାଇଛି। ଏଠାରେ ନୂତନ ପୋଲ ନିର୍ମାଣ ପାଇଁ ଅସ୍ଥାୟୀ ରାସ୍ତା ସାମାନ୍ୟ ବର୍ଷାରେ ଦବି ଯିବାରୁ ଭାରୀଯାନ ଚଳାଚଳରେ ବାଧା ସୃଷ୍ଟି ହୋଇଛି। ଝିପିଝିପି ବର୍ଷା ଯୋଗୁଁ ଅଞ୍ଚଳବାସୀ ଯିବାଆସିବା କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସ୍ ଉପରେ



ନିର୍ଭର କରି ଯା'ଆସ କରୁଥିବା କଲେଜ ଛାତ୍ରଛାତ୍ରୀମାନେ ଅଭିଭାବକଙ୍କ ସହିତ ବାଇକରେ ଯାଉଛନ୍ତି। କାମ ନେଇଥିବା ଠିକାଦାରର ମନୋମୁଖି କାର୍ଯ୍ୟପାଇଁ ଏପରି ଅବସ୍ଥା ସୃଷ୍ଟି ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଚାଲିବ ଟାଟାନଗର-ବାଦାମପହାଡ଼ ନୂତନ ମେମୁ ଟ୍ରେନ୍



**ରାଇରଙ୍ଗପୁର, ୭ ।୧୨(ସମିସ):** ଚକ୍ରଧରପୁର ରେଳ ମଣ୍ଡଳ ଅନ୍ତର୍ଗତ ଟାଟାନଗର-ବାଦାମପହାଡ଼ ମଧ୍ୟରେ ଆଉ ଏକ ନୂତନ ମେମୁ ଟ୍ରେନ ଚଳାଚଳ ଆରମ୍ଭ ପାଇଁ ନୂଆଦିଲ୍ଲୀ ରେଲୱେ ବୋର୍ଡ ଗତ ୫ ତାରିଖରେ ସମୟ ସାରିଣୀ ସହିତ ମଞ୍ଜୁରୀପତ୍ର ଜାରି କରିଛି। ଟ୍ରେନର ମଞ୍ଜୁରୀ ପତ୍ର ଚକ୍ରଧରପୁର ରେଳ ମଣ୍ଡଳ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଶୀଘ୍ର ଏହି ଟ୍ରେନ ସନ୍ଧ୍ୟାରେ ଚଳାଚଳ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପୂର୍ବରୁ ସକାଳେ ଟାଟାନଗରଠାରୁ ବାଦାମପହାଡ଼ ଷ୍ଟେସନରୁ ଦିନବେଳା ଏକ ପାସେଞ୍ଜର ଟ୍ରେନ ଚାଲୁଛି। ଏବେ ଅନ୍ୟ ଏକ ନୂଆ ମେମୁ ଟ୍ରେନ ସମୟ ସାରିଣୀ ଅନୁସାରେ ସନ୍ଧ୍ୟା ୬ଟାରେ ଟାଟାନଗରରୁ ପ୍ରସ୍ଥାନ କରି ରାତି ୯.୦୫ରେ ବାଦାମପହାଡ଼ ଷ୍ଟେସନରେ ପହଞ୍ଚି। ପୁଣିଥରେ ରାତି ୯.୧୫ଟାରେ ବାଦାମପହାଡ଼ ଷ୍ଟେସନରୁ ପ୍ରସ୍ଥାନ କରି ଟାଟାନଗରରେ ରାତି ସାଢେ ୧୧ଟାରେ ପହଞ୍ଚିବ ବୋଲି ସମୟ ନିର୍ଦ୍ଧାରିତ ହୋଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଗତ ୨୧ ତାରିଖରୁ ପ୍ରଥମଥର ଏକ୍ସପ୍ରେସ ଟ୍ରେନ କୋଲକାତା, ଶାଲିମାର ଷ୍ଟେସନରୁ ଛାଡି ବାଦାମପହାଡ଼, ରାଉରକେଲା ମହାନଗର ପର୍ଯ୍ୟନ୍ତ ଅପ ଓ ଡାଉନ ଗୋଟିଏ ସାପ୍ତାହିକ ଏକ୍ସପ୍ରେସ ଟ୍ରେନ କେବଳ ରବିବାର ଏବଂ ଦୈନିକ ସ୍ପେଶାଲ ମେମୁ ପାସେଞ୍ଜର ଟ୍ରେନର ଶୁଭାରମ୍ଭ କରିଥିଲେ। ବର୍ତ୍ତମାନ ବାଦାମପହାଡ଼ଠାରୁ ରାଜଧାନୀ ନୂଆଦିଲ୍ଲୀ ପର୍ଯ୍ୟନ୍ତ ରାଜଧାନୀ ଏକ୍ସପ୍ରେସ ଟ୍ରେନ ତଥା ବାଦାମପହାଡ଼ରୁ କେନ୍ଦୁଝର ଓ ଗୋରୁମାହିଷାଣୀରୁ ବାଙ୍ଗରିପୋଷି ପର୍ଯ୍ୟନ୍ତ ନୂଆ ରେଳ ମାର୍ଗ ସଂଯୋଗୀକରଣ କରି ଭୁବନେଶ୍ୱର ଓ ଦିଲ୍ଲୀ ସହିତ ଅଞ୍ଚଳବାସୀଙ୍କୁ ଯୋଡିବା ପାଇଁ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ରାଷ୍ଟ୍ରପତିଙ୍କୁ ନିବେଦନ କରିଛନ୍ତି।

### ପଶ୍ଚିମବଙ୍ଗରେ ବାଦାମପାହାଡ଼ ଅଞ୍ଚଳର ୨ ଯୁବକଙ୍କୁ ହତ୍ୟା ଘଟଣା

## କଲକାତାରୁ ୨ ଅଭିଯୁକ୍ତ ଗିରଫ

**ରାଇରଙ୍ଗପୁର, ୭ ।୧୨ (ସମିସ):** ବାଦାମପାହାଡ଼ ଥାନା ଦେଓଗାଁର ଦୁଇ ଯୁବକଙ୍କୁ ପଶ୍ଚିମବଙ୍ଗରେ ହତ୍ୟା କରାଯାଇଥିବା ଘଟଣାରେ ପୁଲିସ କଲକାତାରୁ ଦୁଇ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସୂଚନା ଅନୁସାରେ, ଗତ ୯ ଅକ୍ଟୋବର ୨୦୨୩ ତାରିଖ ବାଦାମପାହାଡ଼ ଥାନା ଅଞ୍ଚଳ ଦେଓଗାଁର ଏସକେ ଆଫରୋଜ (୩୦) ତାଙ୍କର ସହଯୋଗୀ ଏସକେ ପପ୍ପୁ (୩୦) ଏକ ଭଡା ବୋଲେରୋ ଗାଡି ନେଇ ପ୍ରଥମେ ଷଢେଇକଳା କୋର୍ଟ ଯାଇଥିଲେ। ପରେ ଜାମସେଦପୁର ଦେଇ ଘରକୁ ଫେରିବା ସମୟରେ ତାଙ୍କ ମୋବାଇଲ ବନ୍ଦ ହୋଇଯାଇଥିଲା। ୧୦ ନଭେମ୍ବର ୨୦୨୩ ମଙ୍ଗଳବାର ସକାଳେ ପଶ୍ଚିମବଙ୍ଗ ପୁଲିସ ବାଗମୁଡି ଥାନାଠାରୁ ପ୍ରାୟ ୫ କିମି ଦୂର ଲୋୟରଡ୍ୟାମ ନିକଟ ରାସ୍ତା ତଳକୁ ଖସି ପଡ଼ିଥିବା ବୋଲେରୋକୁ ଜବତ କରିବା ସହିତ ଗାଡି ମାଲିକ ଏସକେ ଅଫରୋଜଙ୍କ ମୃତଦେହକୁ ଉଦ୍ଧାର କରିଥିଲା। ଏ ନେଇ ମୃତ ଯୁବକଙ୍କ ପରିବାର ପଶ୍ଚିମବଙ୍ଗ ବାଗମୁଡି ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ଏହା ପରେ ପ୍ରାୟ ୧୦ ଦିନ ପରେ ପୁଲିସ ଅନ୍ୟ ସହଯୋଗୀ ଯୁବକ ଏସକେ ପପ୍ପୁଙ୍କ ମୃତଦେହକୁ ମଧ୍ୟ ଉଦ୍ଧାର କରିଥିଲା। ସମ୍ପୃକ୍ତ ଘଟଣାର ତଦନ୍ତ ପରେ ଦୀର୍ଘ ଦୁଇ ମାସ ପରେ ୬ ତାରିଖ ବୁଧବାର ବାଗମୁଡି ଥାନା ପୁଲିସ ଦୁଇ ଅଭିଯୁକ୍ତଙ୍କୁ କଲିକତାରୁ ଗିରଫ କରିଥିଲା। ଗିରଫ ହୋଇଥିବା ଯୁବକମାନେ ଜାମସେଦପୁର ଅଞ୍ଚଳ ଅଦିତ୍ୟପୁର ବାସିନ୍ଦା ମହମ୍ମଦ ସଫିକ ଏବଂ ମହମ୍ମଦ ସଲିମ ବୋଲି ଜଣାପଡ଼ିଛି। ଏମାନେ ଦୁଇ ଯୁବକ ମାନଙ୍କୁ ହତ୍ୟା କରିଥିଲେ ବୋଲି ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପଶ୍ଚିମବଙ୍ଗ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରିରଖିଛି।

## ଆରଆଇ ଅଫିସରୁ ପ୍ରିଣ୍ଟର ଚୋରି

**ବେତନଟୀ, ୭ ।୧୨(ସମିସ):** ବେତନଟୀ ଥାନା ଅଧୀନ ଦହିକୋଟୀ ଆରଆଇ କାର୍ଯ୍ୟାଳୟରୁ ପ୍ରିଣ୍ଟର ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ତହସିଲଦାର ଅନିତା ନାୟକଙ୍କ ଏତଲା ମୁତାବକ କୌଣସି ଦୁର୍ବୃତ୍ତ ଗତ ୩ତାରିଖ ରାତିରେ ଆରଆଇ ଅଫିସର ତାଲା ଭାଙ୍ଗି ପ୍ରିଣ୍ଟରକୁ ଚୋରିକରି ଚମ୍ପଟ ମାରିଥିଲା। ଏନେଇ ଦହିକୋଟୀ ଆରଆଇ ଉତ୍ତମ କୁମାର ପାତ୍ର ତହସିଲଦାରଙ୍କୁ ଜଣାଇବାପରେ ତହସିଲଦାର ଅନିତା ନାୟକ ବୁଧବାର ବେତନଟୀ ଥାନାରେ ଏତଲା ଦାଏର କରିଥିଲେ। ପୁଲିସ ଏତଲା ପାଇ ତଦନ୍ତ ଚଳାଇଛି।

## ଗାଡ଼ିରୁ ବ୍ୟାଟେରୀ ଚୋରି ଅଭିଯୋଗ

**ରାଇରଙ୍ଗପୁର, ୭ ।୧୨(ସମିସ):** ଟାଉନ ଥାନା ଅନ୍ତର୍ଗତ ଦୁବୁଲାବେଡା ଗାଁ ୱାଶିଂ ପଏଣ୍ଟ ନିକଟରେ ବୁଧବାର ରାତିରେ ଛିଡା ହୋଇଥିବା ଏକ ହାଇୱାରୁ ଦୁର୍ବୃତ୍ତମାନେ ବ୍ୟାଟେରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା। ଗୁରୁବାର ଗାଡି ମାଲିକ ରୋହିତ କୁମାର ମହାନ୍ତ ଏ ନେଇ ରାଇରଙ୍ଗପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଟାଉନ ପୁଲିସ ଘଟଣାର ତଦନ୍ତ କରୁଛି।

## ସତ୍‌ସାହିତ୍ୟ ମେଳା ଉଦ୍‌ଯାପିତ

**ବାରିପଦା ୭ ।୧୨(ସମିସ):** ମୟୂରଭଞ୍ଜ ଗାୟତ୍ରୀ ପରିବାର ପକ୍ଷରୁ ଆୟୋଜିତ ୪ ଦିନ ବ୍ୟାପୀ ଜିଲ୍ଲାସ୍ତରୀୟ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ସତ୍‌ସାହିତ୍ୟ ମେଳା ସ୍ଥାନୀୟ ଅମ୍ବିକାସାହି ସରୂପ ନଗର, ଭେଙ୍କଟେଶ୍ୱର ସ୍କୁଲ ସମ୍ମୁଖରେ ବୁଧବାର ଉଦଯାପିତ ହୋଇଛି। ଏହି ମହାଯଜ୍ଞ ଶାନ୍ତିକୁଞ୍ଜର ପ୍ରତିନିଧି ବ୍ରହ୍ମକୁମାର ଦିବ୍ୟଶ୍ରୀ ଭାଇ, ଶିବଚନ୍ଦ୍ର ସାହୁ ଭାଇ, ସରୋଜ



କୁମାର ପ୍ରଧାନ ଭାଇ, ସୁବାସ ଚନ୍ଦ୍ର ଚୌହାନ ଭାଇ ଓ ସୀତାରାମ ସ୍ୱାଇଁ ଭାଇଙ୍କ ଦ୍ୱାରା ପରିଚାଳିତ ହେଇଥିଲା। ୪ଦିନ ବ୍ୟାପୀ ମହାଯଜ୍ଞରେ ପ୍ରଥମ ଦିନ ୧୦୮କଳସ ଯାତ୍ରା ହେବା ସହ ସଂଧ୍ୟା ସମୟରେ 'ଆସନ୍ତୁ ଗଢିବା ସଂସ୍କାରବାନ ପିଢି' ଶୀର୍ଷକ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଓ ତୃତୀୟ ଦିନ ଯଜ୍ଞ ଅନୁଷ୍ଠିତ ହେବା ସହ ସନାତନ ଧର୍ମରେ ମହର୍ଷି, ବଶିଷ୍ଠ, ଭାରଦ୍ୱାଜ, ଯାଜ୍ଞବାଳକଙ୍କ ପରି ମହାନ ଋଷି ମୁନିଙ୍କ ଅବଦାନ ଓ ପ୍ରାଚୀନ ଋଷି ପରମ୍ପରାର ପୁନରୁଦ୍ଧାର କରିବା ସମ୍ପର୍କିତ ପ୍ରବଚନ ଦିଆଯାଇଥିଲା। ଏହି ଯଜ୍ଞରେ ମୋଟ ୨୫ ଜଣଙ୍କ ଗାୟତ୍ରୀ ଦୀକ୍ଷା ସଂସ୍କାର କରାଯିବା ସହ ବିଦ୍ୟାରମ୍ଭ ୧୦ ନାମକରଣ ୮ ପୁଂସବନ ୨ ଓ ବିବାହ ଦିବସସ୍ତବ ସଂସ୍କାର କରାଯାଇଥିଲା। ଦୀପଯଜ୍ଞରେ ୧୦୦୮ ଦୀପରେ 'ସ୍ୱସ୍ତିକ' ଓ 'ଓଁ' କରି ଦୀପ ପ୍ରଜଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ସମେତ ପଡୋଶୀ ଝାରଖଣ୍ଡ, ପଶ୍ଚିମବଙ୍ଗରୁ ସାହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ଭାଦୁଶୋଳ ମିନି ଷ୍ଟାଡିୟମରେ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ



**ଖୁଣ୍ଟା, ୭ ।୧୨(ସମିସ):** ଖୁଣ୍ଟା ବ୍ଲକର ଲକ୍ଷ୍ମଣସାହି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭାଦୁଶୋଳ ବିର୍ସା ମୁଣ୍ଡା ଯୁବକ ସଂଘ ଆନୁକୂଲ୍ୟରେ ଏକ ଦୁଇଦିନିଆ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତ ମୁଣ୍ଡା ସମାଜ ଓଡ଼ିଶା ଶାଖାର ସଭାପତି ରବୀନ୍ଦ୍ରନାଥ ସିଂହ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ମୁଖ୍ୟବକ୍ତାଭାବେ ସମାଜସେବୀ ଇଂ ଗିରିଶ ହେମ୍ବ୍ରମ, ସମ୍ମାନିତ ଅତିଥି ଚଳଚ୍ଚିତ୍ର ପ୍ରଯୋଜକ ଶୁଭେନ୍ଦୁ ସାହୁ, ଭାରତ ମୁଣ୍ଡା ସମାଜର ରାଜ୍ୟ ଯୁବଶାଖା ସଭାପତି ସବରନ ସିଂ, ଲକ୍ଷ୍ମଣସାହି ସରପଞ୍ଚ ଚାନ୍ଦମଣୀ ସିଂହ, ସମିତି ସଭ୍ୟ ସୁନିଲ କୁମାର ଟୁଡ୍ଡୁ, ପୂର୍ବତନ ସରପଞ୍ଚ ଶିବଶଙ୍କର ସିଂହ, ଅନୁଷ୍ଠାନର ସଭାପତି ତାପସ କୁମାର ସିଂହ, ପୂର୍ବତନ ସଭାପତି ଏବଂ ବର୍ତ୍ତମାନର ଉପଦେଷ୍ଟା ନନ୍ଦେ ସିଂହ, ଉପସଭାପତି ଘାସିରାମ ସିଂ, ସମ୍ପାଦକ ଶୁକଲାଲ ସିଂ, ସହ ସମ୍ପାଦକ ସୁନ୍ଦର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଜେ.ଏଫ୍.ଏ ପୋଟକା ଦଳ ଚମ୍ପିଆନ ଓ ମହାକାଳ ଏଫସି ଦ୍ୱିତୀୟ ସ୍ଥାନ ପାଇଥିଲେ।



ସକାଳ THE SAKALA



‘ମିଗଜୋମ୍’ ପ୍ରଭାବରେ ତୁହାକୁ ତୁହା ବର୍ଷା

# ଫସଲ ଉଜାଡ଼ିଲା ଅଦିନିଆ ବର୍ଷା



**ବାରିପଦା, ୭ ।୧୨(ସମିସ)**

ସାମୁଦ୍ରିକ ଝଡ଼ ମିଗଜୋମ୍ ପ୍ରଭାବରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ବୁଧବାର ସକାଳୁ ତୁହାକୁ ତୁହା ବର୍ଷା ଲାଗିରହିଛି। ବୁଧବାର ଓ ଗୁରୁବାର ଦିନତମାମ ବୃଷ୍ଟିପାତ ଯୋଗୁଁ ଏବେ ଚାଷୀ ଚିନ୍ତାରେ ରହିଛନ୍ତି। ଏହି ଅଦିନିଆ ବର୍ଷାରେ ଧାନ ଓ ଅନ୍ୟାନ୍ୟ ଫସଲ ନଷ୍ଟ ହେବା ଆଶଙ୍କା ସୃଷ୍ଟି କରିଛି। ଜମିରେ କଟା ହୋଇଥିବା ପଡ଼ିରହିଥିବା ଧାନ ପାଣିରେ ଭିଜି ରହିଛି। କ୍ଷେତରେ ହସୁଥିବା ଧାନ ଫସଲ ବର୍ଷା ଯୋଗୁଁ ଶାନ୍ତ ପଡ଼ିଯାଇଛି। ବର୍ଷା ଏବଂ ପବନରେ ମାଟିରେ ଶୋଇପଡ଼ିଛି ଧାନ। ଶସ୍ୟଶ୍ୟାମଳା ସବୁଜିମାରେ କ୍ଷେତ ତାର ରୂପ ବଦଳାଇ ସାରିଥିଲା। ଆରମ୍ଭ ହୋଇଥିଲା ଧାନ କଟା ପର୍ବ। ୧୦ତାରିଖରେ ସରକାରୀ ମଣ୍ଡି ଖୋଲିଥିଲେ ଚାଷୀ ଧାନ ବିକ୍ରୟ କରିଥାନ୍ତେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ମଣ୍ଡିରେ ୫୪ ହଜାର ୫୦ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକୃତ କରିଥିବା ବେଳେ ୫୪ ହଜାର ୨୬ଜଣ ଚାଷୀଙ୍କ ଯାଞ୍ଚ ସରିଛି। ଜିଲ୍ଲାର ଲ୍ୟାମ୍ପ୍ସ ଅଧୀନରେ ୧୦୨ଟି କ୍ରୟ କେନ୍ଦ୍ରରୁ ୧୬ଟି ମିଲର ଧାନ କିଣିବା ପାଇଁ ସମସ୍ତ ପ୍ରସ୍ତୁତି ସାରିଥିବା ବେଳେ ଏହି ଅଦିନିଆ ବର୍ଷା ଚାଷୀଙ୍କ ମୁହଁରୁ ହସ ଛଡାଇ ନେଇଛି। ଏହି ସମୟକୁ ସବୁବେଳେ ଚାଷୀ ଅପେକ୍ଷା କରି ରହିଥାଏ। ଚଳିତ ବର୍ଷ ସ୍ୱଳ୍ପ ବର୍ଷା ଯୋଗୁ ଚାଷ କାର୍ଯ୍ୟ ବିଳମ୍ବରେ ଆରମ୍ଭ ହୋଇଥିଲା। ଠିକ ସମୟରେ ବର୍ଷା ନ ହେବାରୁ ଢିପ ଜମିଗୁଡିକ ଫାଟି ଆଁ କରିବା ସହ କେତେକ ସ୍ଥାନରେ ଫସଲ ନଷ୍ଟ ହୋଇଯାଇଥିଲା। ଏବେ ଚାଷୀ ବଳକା ଧାନକୁ କାଟି ଜମିରେ ରଖିଥିବା ବେଳେ ମିଗଜୋମ୍ ପ୍ରଭାବରେ ଝିପିଝିପି ବର୍ଷା ଯୋଗୁଁ ତାହା ମଧ ଓଦା ହୋଇଯାଇଛି। ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାର ହଜାର ହଜାର ହେକ୍ଟର ଜମିରେ ଧାନ ଓ ପରିବା ଫସଲ ହୋଇଛି। ଜମିର ପାଚିଲା ଧାନ କଟା ହୋଇ ଜମିରେ ବୁଡ଼ି ରହିଛି। ଧାନ ଗଛ ପାଣିରେ ବୁଡ଼ି ରହିଥିବାରୁ ଗଜା ହେବାର ଚିନ୍ତା ଘାରିଲାଣି। ପ୍ରଥମେ ବର୍ଷା ଅଭାବରୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ମିଗଜୋମ ଜନିତ ବର୍ଷାରେ ଚାଷୀ ସର୍ବସ୍ୱାନ୍ତ ହୋଇପଡ଼ିଛି। ଏଭଳି ଗୋଟିଏ ପରେ ଗୋଟିଏ ସମସ୍ୟା ଚାଷୀଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ମିଗୋଜାମ ପ୍ରଭାବରେ ଦୁଇ ଦିନ ଧରି ବର୍ଷା ଲାଗି ରହିଛି; ଯାହାକୁ ନେଇ ଚାଷୀ ଚିନ୍ତାରେ। ଲଗାଣ ବର୍ଷାରେ ଚାଷୀର ଫସଲ ନଷ୍ଟ ହେବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଚାଷୀ ବ୍ୟାଙ୍କରୁ ଋଣ ଆଣି ଚାଷ କରିଥିବା ବେଳେ ଏବେ ସୁଝିବା ନେଇ ଚିନ୍ତିତ। ଧାନ କାଟି ଖଳାକୁ ନେଇ ଅମଳ କରି ବର୍ଷକ ପାଇଁ ଚାଷୀଟିଏ ସାଇତି ରଖିଥାନ୍ତା। ହେଲେ ବାତ୍ୟା ମିଗ୍‌ଜୋମ ପ୍ରଭାବରେ ଯେମିତି ସବୁ ନଷ୍ଟ ହୋଇଯାଇଛି। ଏବେ ଧାନ ଖଳାକୁ ଯିବା ସ୍ଥିତିରେ ନାହିଁ। ମୁଣ୍ଡ ଝାଳ ତୁଣ୍ଡରେ ହାତ ଉଧାରୀ ଆଣି ଫସଲ କରିଥିବା ଚାଷୀ ଶେଷରେ ହତାଶ ହୋଇପଡ଼ିଛି। ଏମିତି ବି ଚାଷ ପାଇଁ ଯେତିକି ଖର୍ଚ୍ଚ ହୋଇଥାଏ ସେତିକି ପ୍ରାପ୍ୟ ମିଳିବା କଷ୍ଟକର। ଆଉ ଏବେ ସେହି ଟଙ୍କାକୁ କେମିତି ଭରଣା କରିବ ତାହାକୁ ନେଇ ଚିନ୍ତାରେ ଚାଷୀ ପଡ଼ିଛି। ଅନ୍ୟପଟେ ଏହାକୁ ନେଇ ବାତ୍ୟା ଜନିତ କ୍ଷୟକ୍ଷତି ଉପରେ ଆକଳନ କରି ରିପୋର୍ଟ ଦେବାକୁ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ବିପର୍ଯ୍ୟୟ ଓ ପରିଚାଳନା ଏବଂ କୃଷି ବିଭାଗ ଅଧିକାରୀ ମିଳିତଭାବେ କ୍ଷେତ୍ର ଅନୁଧ୍ୟାନ କରି କ୍ଷତି ଆକଳନ କରି ଡିସେମ୍ବର ୧୨ ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ପ୍ରଦାନ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷୟକ୍ଷତି ଆକଳନ କରି ସହାୟତା ପ୍ରଦାନ କରାଯିବ।

## ୧୦ରୁ ଖୋଲିବ ମଣ୍ଡି; ଚିନ୍ତାରେ ଚାଷୀକୁଳ





## ଜମିରେ ଭିଜିଲା ପାଚିଲା ଧାନ



**ରାଇରଙ୍ଗପୁର:** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ପ୍ରଭାବରେ ମଙ୍ଗଳବାର ରାତିରୁ ବାମନଘାଟି ଉପଖଣ୍ଡ ଅଞ୍ଚଳରେ ଲଗାଣବର୍ଷା ଲାଗି ରହିଛି। ଫଳରେ ଚାଷୀଙ୍କ ବର୍ଷକର ଖାଦ୍ୟ ନଷ୍ଟ ହେବାରେ ଲାଗିଛି। ଏହାକୁ ନେଇ ଚାଷୀ ମହଲ ଚିନ୍ତିତ ଅବସ୍ଥାରେ ରହିଛନ୍ତି। ପାଣିପାଗ ବିଭାଗ ବର୍ଷାକୁ ନେଇ ପୂର୍ବରୁ ସତର୍କତା ସୂଚନା ଦେଇଥିଲେ। ସେହି ସମୟଠାରୁ ପ୍ରଭାବିତ ଅଞ୍ଚଳର ଚାଷୀମାନେ ତରବରିଆ ଭାବେ ଧାନ କାଟି ଅମଳ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଏପରିକି କେତେକ ଗାଁରେ ଚାଷୀମାନେ ଧାନ କାଟି ବିଲରେ ରଖିଥିଲେ। କେତେକ ଘରକୁ ନେବା ପାଇଁ ରାସ୍ତା ପାର୍ଶ୍ୱରେ ପ୍ରସ୍ତୁତ କରିଥିଲେ। ଅନେକ ଚାଷୀଙ୍କ ଧାନ କଟା ଆରମ୍ଭ ହୋଇ ପାରିନଥିଲା। ହେଲେ ଏହି ବର୍ଷା ଯୋଗୁଁ ବିଲରେ ପାଣି ଭରି ରହିଥିବାରୁ ବ୍ୟାପକ କ୍ଷତି ହେବ। ଧାନ ଫସଲରେ ପାଣି ଚାଲୁଥିବାର ଗଜା ହେବାର ମଧ୍ୟ ଅନୁମାନ କରାଯାଉଛି। ଚାଷୀ ଧାର କରଜ କରି ଧାନ ଚାଷ କରିଥିଲେ; ହେଲେ ଏବେ ଅଦିନିଆ ବର୍ଷା ଯୋଗୁଁ କିପରି ଧାରକରଜ ସୁଝିବେ ସେ ନେଇ ଚାଷୀ ଚିନ୍ତାରେ ରହିଛନ୍ତି। ବିଜାତଳା, ବହଳଦା, ଜାମଦା, ତିରିଂ ବ୍ଲକ ଅଞ୍ଚଳରେ ବର୍ଷା ଲାଗି ରହିଥିବାରୁ ବ୍ୟାପକ ଧାନ ଫସଲ ନଷ୍ଟ ହେଉଥିବା ଦେଖାଯାଇଛି। ଏହି ଅଞ୍ଚଳ ଗୁଡିକରେ ଅଧିକାଂଶ ଫସଲ କାଟିବା ପରେ ଧାନଗୁଡିକ ବିଲ ଭିତରେ ପୋଡି ରହି ପାଣିରେ ବୁଡି ରହିଛି। ସବୁଠାରୁ ଅଧିକ ପ୍ରଭାବ ଗିଦିଘାଟି, ବଡ଼ପଳସା, ଭିତରଆମଦା ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଦେଖିବାକୁ ମିଳିଛି।

### କ’ଣ କୁହନ୍ତି ଚାଷୀ...



ପାଣିପାଗ ବିଭାଗ ପକ୍ଷରୁ ବର୍ଷା ନେଇ ସୂଚନା ମିଳିବା ପରେ ଧାନ ଫସଲ ଅମଳ କରିବା ପାଇଁ ପ୍ରୟାସ କରିଥିଲୁ। ଧାନ କାଟି ବିଲରେ ରହିଥିବା ସମୟରେ ବର୍ଷା ଆରମ୍ଭ ହୋଇଛି। ବର୍ତ୍ତମାନ ବିଲରେ ପାଣି ଭରି ଯାଇ ଧାନ ଗୁଡିକ ଭାସୁଛି। ଅଦିନିଆ ବର୍ଷା ଆମ ପାଇଁ କାଳ ସାଜିଛି। ଧାନ ଚାଷ ନଷ୍ଟ ହୋଇଥିବାରୁ ସରକାରୀ ସହାୟତା ପାଇଁ ଆଶା ରଖିଛି।

-ନଟବର ତାମୁଡ଼ିଆ, ଚାଷୀ, ଗିଦିଘାଟି ଗାଁ



ବର୍ଷା ଯୋଗୁଁ ଧାନ ଫସଲ ନଷ୍ଟ ହୋଇଅଛି। ରହି ରହି ବର୍ଷା ହେଉଥିବାରୁ ବିଲରୁ ଧାନ ଗୁଡିକ ଉଠାଇ ହୋଇ ପାରିଲା ନାହିଁ। ବର୍ଷା ଲାଗି ରହିଲେ ସବୁ ଚାଷ ନଷ୍ଟ ହୋଇଯିବ। ଆମ ବର୍ଷକ ଫସଲ କ୍ଷତିଗ୍ରସ୍ତ ହୋଇଯିବ ବୋଲି ଚିନ୍ତାରେ ରହିଛି।

-ସୁଭାଷ ପାତ୍ର, ଚାଷୀ ଇଚାଡ଼ିହି ଗାଁ



ଅଦିନିଆ ବର୍ଷା ଆମ ପାଇଁ ଚିନ୍ତାର ବିଷୟ ହୋଇଅଛି। ବର୍ଷରେ ଅମଳ ହେଉଥିବା ଚାଷ ଉପରେ ଆମେ ନିର୍ଭର ରହିଥାଉ। ହେଲେ ଠିକ ଅମଳ ସମୟରେ ବର୍ଷା ଆରମ୍ଭ ହୋଇଥବାରୁ ଧାନଗୁଡିକ ଖଳାକୁ ମଧ ନେଇ ପାରିଲୁ ନାହିଁ। ବିଲରେ ପଡ଼ିଥିବା ଧାନ ପାଣିରେ ବୁଡି ରହିଛି। ତେଣୁ ସରକାରୀ ସହାୟତା ମିଳିଲେ ଭଲ ହୁଅନ୍ତା।

-ପ୍ରହ୍ଲାଦ ପାତ୍ର, ଇଚାଡ଼ିହି ଗାଁ

## ଧାନ ଓ ପରିବା ଚାଷ ନଷ୍ଟ ଆଶଙ୍କା



**ବଡସାହି :** ଧାନ ଫସଲରେ ଚକଡା ପୋକର ପ୍ରାଦୁର୍ଭାବକୁ ନେଇ ଚାଷୀ ଚିନ୍ତାରେ ଥିବା ବେଳେ ଗତ ୨ ଦିନ ଧରି କୋହଲା ପାଗ ଓ ଝିପଝିପ ବର୍ଷା ସେମାନଙ୍କ ଅଣ୍ଟା ଭାଙ୍ଗି ଦେଇଛି। ବାତ୍ୟା ‘ମିଗଜୋମ’ ପ୍ରଭାବରେ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଶେଷକରି ଧାନ ଓ ପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ଯେଉଁ କ୍ଷେତରେ ମାଣ ପ୍ରତି ୧୫କ୍ୱିଣ୍ଟାଲ ଧାନ କଟାଯାଉଥିଲା ଏବେ ସେଠାରୁ ମାତ୍ର ୬ରୁ ୭ କ୍ୱିଣ୍ଟାଲ ଧାନ ମିଳୁଛି। ଫଳରେ ବ୍ୟାଙ୍କ ଓ ସମବାୟ ସଂସ୍ଥାରୁ ଋଣ କରି ଚାଷୀ କିପରି ଋଣ ପରିଶୋଧ କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଏପରିକି ତଦନ୍ତ କରିବାକୁ ଗ୍ରାମ୍ୟ କୃଷି କର୍ମଚାରୀମାନେ ଘଟଣାସ୍ଥଳକୁ ଆସୁ ନ ଥିବା ମଧ ଚାଷୀ ମହଲରେ ଅଭିଯୋଗ ଉଠିଛି। ବଡସାହି ବ୍ଲକ ଅଞ୍ଚଳରେ ଶହଶହ ଏକର ଜମିର ଧାନଚାଷ ନଷ୍ଟ ହେବାର ସମ୍ଭାବନା ସୃଷ୍ଟି ହୋଇଥିବା ବେଳେ ପରିବା ଚାଷ ମଧ ପ୍ରଭାବିତ ହୋଇଥିବା ନେଇ ଚାଷୀ ସୁକୁଲ ହେମ୍ବ୍ରମ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଧାନ ଫସଲ ଭଲ ହୋଇଥିବା ବେଳେ ଭଲ ଅମଳ କରିବା ପାଇଁ ଆଶା ରଖିଥିଲା ଚାଷୀ। ବିଶେଷ କରି ରୋଗ ପୋକର ପ୍ରାଦୁର୍ଭାବ ପରେ ଏହି ବର୍ଷା ଚାଷୀଙ୍କର ସବୁ ଆଶାକୁ ଧୂଳିସାତ କରିଦେଇଛି। ଏହି ପାଗକୁ ନେଇ ରୋଗ ପୋକର ପ୍ରାଦୁର୍ଭାବ ଆହୁରି ବଢ଼ିପାରେ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। କେତେକ ସ୍ଥାନରେ ଧାନ ପାଚି କଟା ଆରମ୍ଭ ହୋଇଯାଇଥିବା ବେଳେ କେତେକ ସ୍ଥାନରେ ଧାନ ଫୁଲ ଉଡାଇ ପାଚିବା ଅବସ୍ଥାରେ ଥିବାର ଜଣାଯାଇଛି। ତେଣୁ ବର୍ଷା ସହିତ କୋହଲା ପବନ ଚାଷୀଙ୍କର ସମସ୍ୟାକୁ ଦ୍ୱିଗୁଣିତ କରିଛି। କୋହଲା ପବନରେ ଶୋଇ ଯାଇଥିବା ଧାନ ଗଛ ବର୍ଷା ପାଣିରେ ନଷ୍ଟ ହୋଇଯିବ। ସେହିପରି ଯେଉଁ ଜମିରେ ଧାନ କଟା ହୋଇ କ୍ଷେତରେ ପଡ଼ିଛି ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯିବ ବୋଲି ଚାଷୀ କରୁଣାକର ମୁର୍ମୁ ଓ ସୁଶାନ୍ତ ମହାପାତ୍ର ପ୍ରକାଶ କରିଛନ୍ତି। ବହୁ ପଞ୍ଚାୟତରେ ଚାଷୀ ଧାନ କାଟି ଦେଇଥିବା ବେଳେ ତାହା କ୍ଷେତରେ ପଡ଼ି ନଷ୍ଟ ହେବା ଆଶଙ୍କାରେ ରହିଛନ୍ତି ଚାଷୀ। ଯଦି ଏଭଳି ବର୍ଷା ଲାଗିରହେ ତେବେ ଅଞ୍ଚଳରେ ବ୍ୟାପକ କ୍ଷତି ହେବ। ସେହିପରି ପନିପରିବା ଫସଲ ମଧ ଏହି ଅଦିନିଆ ବର୍ଷାରେ କ୍ଷତି ହୋଇଥିବା ଲକ୍ଷ୍ୟ କରାଯାଇଛି।

## ଚାଷୀଙ୍କୁ କନ୍ଦାଇଲା ଝିପିଝିପି ବର୍ଷା



**କୁଆମରା :** ସାମୁଦ୍ରିକ ଝଡ଼ ‘ମିଗଜୋମ୍’ ପ୍ରଭାବରେ ବୁଧବାରଠାରୁ ଲଗାଣ ବର୍ଷା ଲାଗି ରହିଛି। ଗୁରୁବାର ସକାଳେ ତୁହାକୁ ତୁହା ବର୍ଷା ଯୋଗୁଁ ଧାନ ଜମିରେ ପାଣି ଜମି ରହିଛି। କେତେକ ତଳିଆ ଜମିରେ ଜଳ ନିଷ୍କାସନ ହୋଇ ନ ପାରିବା ଯୋଗୁଁ ଲହଡି ମାରୁଛି। ଏବେ କ୍ଷେତରେ ପଡ଼ିରହିଛି ପାଚିଲା ଧାନ। ଚଳିତ ବର୍ଷ ଗୋପବନ୍ଧୁ ନଗର ବ୍ଲକର ୧୦ ହଜାର ହେକ୍ଟର ଜମିରେ ଖରିଫ ଚାଷ ହୋଇଥିବା ବେଳେ ଏବେ ସୁଦ୍ଧା ମାତ୍ର ୨୦ ପ୍ରତିଶତ ଧାନ ଅମଳ ହୋଇଛି। ବିଲରେ ୩୦ ପ୍ରତିଶତ କଟାହୋଇ ଧାନ ପଡ଼ି ରହିଥିବା ବେଳେ ବିଭିନ୍ନ ପଞ୍ଚାୟତର ଶ୍ରମିକ ଅଭାବରୁ ଚାଷୀ ଘରକୁ ଧାନ ଆଣି ପାରିନାହିଁ। ବର୍ଷା ପୂର୍ବରୁ କେତେକ ଜମିରେ ଧାନ କଟା ସରି ଯାଇଥିବା ବେଳେ ଘରକୁ ଆଣିବା ପାଇଁ ବିଡାବନ୍ଧା ହୋଇ ପଡ଼ିଛି ବିଲରେ। ପୁଣି ଧାନ ଖଳା ଗୁଡିକ ଓଦା ଓ ନଷ୍ଟ ହୋଇଥିବାରୁ ଏବେ ସପ୍ତାହ ପର୍ଯ୍ୟନ୍ତ ବିଲରୁ ଧାନ ଖଳାକୁ ଆଣିବା ସମ୍ଭବ ହେବ ନାହିଁ। ଅମଳ ସମୟରେ ଚାଷୀଙ୍କ ମନ ଖୁସି ପରିବର୍ତ୍ତେ କନ୍ଦାଉଛି ଅଦିନିଆ ବର୍ଷା। ତେବେ ଗତ ଅକ୍ଟୋବର ମାସ ପ୍ରଥମ ସପ୍ତାହରୁ ବର୍ଷା ଛାଡିଯିବା ଯୋଗୁଁ ବିଭିନ୍ନ ଜମିରେ ମରୁଡ଼ି ପରିସ୍ଥିତି ଦେଖା ଦେବା ଯୋଗୁଁ ହତାଶ ହୋଇ ପଡ଼ିଛି ଚାଷୀ। ଧାନ ବାହାରିବା ସମୟରେ ଜଳାଭାବ ଯୋଗୁଁ ତଳଭାଗ ଓ ଢିପଜମିଗୁଡିକ ସମ୍ପୂର୍ଣ୍ଣ ମରୁଡ଼ି ହୋଇଥିବା ବେଳେ କେତେକ ସ୍ଥାନରେ ଅଧାଅଧି ଧାନ ବାହାରି ପାରି ନ ଥିଲା। ତେବେ ପ୍ରଥମେ ମରୁଡ଼ି ପୁଣି ଅମଳ ବେଳକୁ ବର୍ଷା ଚାଷୀଙ୍କୁ ଦାଉ ସାଜିଥିବାରୁ ଚଳିତ ବର୍ଷ ଧାନ ଅମଳ ଯଥେଷ୍ଟ କମ୍ ଆଶଙ୍କା ରହିଛି। ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ପକାଇଛି। ଧାନ ତଳି ପକାଇବାଠାରୁ ଅମଳ ପର୍ଯ୍ୟନ୍ତ ଏକର ପିଛା ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥିବା ବେଳେ ଚାଷୀ ଋଣ ସୁଝିବା ନେଇ ଚିନ୍ତାରେ ପଡ଼ିଛି।

## ପୁଣି ଦୁଇଟି ସ୍ଥାନରେ ଛିନ୍‌ତାଇ; ଥାନାରେ ମାମଲା

**ବାରିପଦା, ୭ ।୧୨(ସମିସ):** ଦିନକୁ ଦିନ ବାରିପଦା ସହରରେ ଛିନତାଇ ମାମଲା ବୃଦ୍ଧି ପାଇବାରେ ଲାଗିଛି। ଟାଉନ ଥାନା ପୁଲିସ ବୁଧବାର ଗୋଟିଏ ଗ୍ୟାଙ୍ଗର ୩ ସଦସ୍ୟଙ୍କୁ ଗିରଫ କରି ୩ଟି ବାଇକ ଓ ୫୨ଟି ମୋବାଇଲ ଫୋନ ଜବତ ଘଟଣାର ଦିନକ ପରେ ପୁଣି ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ ସ୍ଥାନୀୟ କାଳିକାପୁର ଅଞ୍ଚଳରେ ଦୁର୍ବୃତ୍ତମାନେ ଜଣେ ବୃଦ୍ଧାଙ୍କ ବେକରୁ ସୁନା ହାର ଲୁଟି ନେଇଛନ୍ତି। ପୂର୍ବାହ୍ନ ୯ଟା ସମୟରେ କାଳିକାପୁର ଅଞ୍ଚଳର ସତ୍ୟପ୍ରକାଶ ମାଣିକଙ୍କ ୭୦ ବର୍ଷୀୟ ଜେଜେ ମାଆ ନିଜ ଘର ସମ୍ମୁଖ ରାସ୍ତାରେ ଠିଆ ହୋଇଥିବା ବେଳେ ହଠାତ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ବେକରୁ ସୁନା ହାର ଛିନତାଇ କରି ଫେରାର ହୋଇଯାଇଛନ୍ତି। ଏ ନେଇ ବାରିପଦା ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅନୁରୂପ ଭାବେ ଅନ୍ୟ ଏକ ଘଟଣାରେ ସ୍ଥାନୀୟ ତକତପୁର ଅଞ୍ଚଳର ଜଣେ ଛାତ୍ରୀ ମଦ୍ୟ ଛିନତାଇର ଶିକାର ହୋଇଛନ୍ତି। ଛାତ୍ରୀ ରୂପା ମହାନ୍ତ ମଧ୍ୟାହ୍ନ ସମୟରେ ମହାବିଦ୍ୟାଳୟରୁ ଛାତ୍ରୀ ନିବାସକୁ ଫେରୁଥିବା ବେଳେ ଦୁଇ ଜଣ ବାଇକ୍ ଆରୋହୀ ଦୁର୍ବୃତ୍ତମାନେ ତାଙ୍କ ଫୋନ୍ ଛିନତାଇ କରିଥିବା ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ବାରିପଦା ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ପକ୍ଷରୁ ଦୁଇ ଗୋଟି ମାମଲା ରୁଜୁ ତଦନ୍ତ ପ୍ରକ୍ରିୟା ଜାରି ରହିଛି।

## ଜଗଦ୍ଧାତ୍ରୀ ମେଳାରେ ଆର୍ଯ୍ୟନ ଦାସ ସମ୍ବର୍ଦ୍ଧିତ




**ବାରିପଦା, ୭ ।୧୨(ସମିସ):** ଭୁବନେଶ୍ୱରର ଜୟଦେବ ଭବନରେ ଅନୁଷ୍ଠିତ ‘ସକାଳ ଓ ନନ୍ଦିଘୋଷ ଟିଭି’ର ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ୨ୟ ସ୍ଥାନ ଅଧିକାର କରିଥିବା ଆର୍ଯ୍ୟନ ଦାସଙ୍କୁ ଜଗଦ୍ଧାତ୍ରୀ ମେଳାରେ ସମ୍ବର୍ଦ୍ଧିତ କରାଯାଇଛି। ‘ସ୍କୁଲ ରୂପାନ୍ତରଣର ଏକ ଶୈକ୍ଷିକ ବିପ୍ଳବ’ ବିଷୟ ଉପରେ ବକ୍ତୃତା ଦେଇ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେ ବାରିପଦାର ପୂର୍ଣ୍ଣଚନ୍ଦ୍ରପୁର ସ୍ଥିତ ରାଜୀବ ଦାସ ଓ ମୂର୍ଚ୍ଛନା ଦାସପଟ୍ଟନାୟକଙ୍କ ସୁପୁତ୍ର। ବର୍ତ୍ତମାନ ସେ ସେଣ୍ଟ ଏନିଶ କନଭେଣ୍ଟ ସ୍କୁଲର ୯ମ ଶ୍ରେଣୀର ଛାତ୍ର। ପ୍ରକାଶ ଥାଉକି, ସେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଜିଲ୍ଲାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ବହୁବାର ପୁରସ୍କୃତ ହୋଇଛନ୍ତି। ଚଳିତବର୍ଷ ଜଗଦ୍ଧାତ୍ରୀ ମେଳାରେ ସେ ବକ୍ତୃତାରେ ଦ୍ୱିତୀୟ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ମଧ ପ୍ରଥମ ସ୍ଥାନ ପାଇ ପୁରସ୍କୃତ ହୋଇଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ମେଳା କମିଟି ଅଧକ୍ଷ ତଥା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ସମ୍ପାଦକ ଦର୍ପନାରାୟଣ ପାଲ ପ୍ରମୁଖ ତାଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରିଥିଲେ।

## ଡିଭାଇଡରରେ ପିଟିହୋଇ ଟ୍ରକ୍ ଚେସିସ ଦୁର୍ଘଟଣାଗ୍ରସ୍ତ

**କରଞ୍ଜିଆ, ୭।୧୨(ସମିସ):** ଗୁରୁବାର ଭୋରୁ କରଞ୍ଜିଆର ନୂତନ ବସଷ୍ଟାଣ୍ଡରେ ଏକ ଟ୍ରକ ଚେସିସ ରାସ୍ତାର ଡିଭାଇଡ଼ରରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଚେସିସର ନମ୍ବର ନ ଥିବାରୁ କେହି ମାଲିକ ତାହା ଜଣାପଡ଼ିନାହିଁ। ଦୁର୍ଘଟଣା ଖବର ପାଇ ପୁଲିସ ପହଞ୍ଚି ଟ୍ରକ ଚେସିସକୁ ରାସ୍ତାରୁ ହଟାଇଥିଲା। ତେବେ ଏହି ରାସ୍ତାରେ ଥିବା ଡିଭାଇଡରରେ କୌଣସି ସୂଚନା କିମ୍ବା ରଙ୍ଗୀନ ଚିହ୍ନ ନଥିବାରୁ ଅନେକ ସମୟରେ ମଟର ଚାଳକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିଭଳି କରଞ୍ଜିଆ ଗୋଲେଇ ଛକରୁ ହନୁମାନ ଛକ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଡିଭାଇଡ଼ରରେ ସୂଚନା ନ ଥିବାରୁ ସେଠାରେ ମଧ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।



# କରମ ପୂଜାରେ ଦୁଲୁକିଲା କାଳିଆପଦା

**କୁଆମରା, ୭।୧୨(ସମିସ):** ଆଦିବାସୀଙ୍କ ଈଶ୍ୱର ବିଶ୍ୱାସ ଓ ଧର୍ମର ପ୍ରତୀକ ତଥା ସମସ୍ତଙ୍କ ମଧ୍ୟରେ ସଦଭାବନା ଓ ଏକତା ବଜାଇ ରଖିବା ପାଇଁ ପ୍ରତି ବର୍ଷ ପ୍ରଥମାଷ୍ଟମୀରେ ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ପଞ୍ଚାୟତ କାଳିଆପଦାଠାରେ ପରମ୍ପରା ଅନୁଯାୟୀ କରମ ଦେବତାଙ୍କ ପୂଜା ଅନୁଷ୍ଠିତ ହୋଇଥାଏ। ଗ୍ରାମ ନିକଟ ଜଂଗଲରେ ଶିବ ପାର୍ବତୀଙ୍କୁ ଆରାଧନା କରାଯାଇ କରମା ଓ ଧରମା ନାମରେ ବୃକ୍ଷକୁ ପୂଜା କରାଯାଇଥାଏ। ପରେ ଗ୍ରାମର କୁଆଁରୀମାନଙ୍କ ଦ୍ୱାରା ଡାଳ ଅଣାଯାଇ ସନ୍ଧ୍ୟା ସମୟରେ ପୂଜା ମଣ୍ଡପରେ ପହଞ୍ଚିଥାନ୍ତି। ଏହି ପୂଜାରେ ସମଗ୍ର କାଳିଆପଦା ଦୁଲୁକି ଉଠିଥିଲା। ସନ୍ଧ୍ୟାରେ ପୂଜା ମଣ୍ଡପରେ ୧୦୮ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଚଳିତ ବର୍ଷ ୨୦ ବର୍ଷରେ ପୂଜା ପଦାର୍ପଣ କରିଥିବା ବେଳେ ପୂଜକ ଭାବେ ସନ୍ତୋଷ କୁମାର ସିଂ, ଦୁର୍ଗା ସିଂ, ଯତୀନ୍ଦ୍ର ସିଂ କାର୍ଯ୍ୟ ତୁଲାଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ରବୀନ୍ଦ୍ର ସିଂ ଓ ସମିତି ସଭ୍ୟା ବନସ୍ମିତା ସିଂ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ନରେନ୍ଦ୍ର ପାତ୍ର, ବରିଷ୍ଠ ସାମ୍ବାଦିକ ଶାନ୍ତନୁ କୁମାର ମହୁଆଳ, ସମାଜ ସେବୀ ଗିରିଜା ଶଙ୍କର ବେହେରା, ରଣଜିତ ସାହୁ ପ୍ରମୁଖ ଯୋଗଦେଇ ପ୍ରାର୍ଥନା ହିଁ ଯଥାର୍ଥ ଉପଚାର ବୋଲି ମତବ୍ୟକ୍ତ କରିଥିଲେ। ପୂଜାର୍ଚ୍ଚନା ପରେ ଗ୍ରାମର ମହିଳା ଓ ପୁରୁଷ ଏକ ସୂତ୍ରରେ ବାନ୍ଧି ହୋଇ ମାଦଳର ତାଳେ ତାଳେ ନୃତ୍ୟ ଗୀତରେ ନିଜକୁ ହଜାଇ ଦେଇଥାନ୍ତି। ସମାଜସେବୀ ଭଗବାନ ସିଂଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ମାନସ କୁମାର ସିଂ, ସମ୍ପାଦକ ଲୋକନାଥ ସିଂ ପୂଜା କାର୍ଯ୍ୟ ତୁଲାଇ ଥିଲେ।



## ସାଇ ଦରବାରର ପଞ୍ଚମ ବାର୍ଷିକ ଉତ୍ସବ



**ଉଦଳା, ୭।୧୨(ସମିସ):** ଉଦଳା ସାଇ ଦରବାର ୱାର୍ଡ ନଂ. ୧ ତରଫରୁ ୫ମ ବାର୍ଷିକ ଉତ୍ସବ ଧୁମଧାମରେ ପାଳିତ ହୋଇଛି। କାକଡ ଆରତି ପରେ ଦରବାର ତରଫରୁ ସାଇ ଭକ୍ତଙ୍କ ଦ୍ୱାରା ସାଇବାବାଙ୍କ ଅଭିଷେକ ପାଇଁ ତାରକ ମନ୍ତ୍ର କୀର୍ତ୍ତନ ଦ୍ୱାରା କଳସ ଯାତ୍ରା ଉଦଳା ବଜାର ପରିକ୍ରମା କରାଯାଇଥିଲା। ପରେ ଭକ୍ତଙ୍କ ଦ୍ୱାରା ଅଭିଷେକ କରା ହୋଇଥିଲା। ଅପରାହ୍ନରେ ପ୍ରସାଦ ସେବନ ପରେ ଦରବାର ତରଫରୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ଏଥିରେ ଶ୍ରଦ୍ଧା ସବୁରୀ ଟ୍ରଷ୍ଟର ସଭାପତି ବିଶ୍ୱଜିତ ମହାନ୍ତି ସମ୍ପାଦକ ପ୍ରଶାନ୍ତ କୁମାର ପଟେଲ ଓ କୋଷାଧ୍ୟକ୍ଷ ଅଶୋକ ପରିଡ଼ା ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦରବାରର ସଭାପତି ଚନ୍ଦ୍ରଶେଖର ପରିଡ଼ା, ମନୋରଞ୍ଜନ ପରିଡ଼ା, ଲକ୍ଷ୍ମୀଧର ମହାପାତ୍ର, ପ୍ରଦୀପ୍ତ ପଲେଇ, ପ୍ରକାଶଚନ୍ଦ୍ର ଦାସ, ଯୋଗେନ୍ଦ୍ର ବେହେରା,

## ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ



**କପ୍ତିପଦା, ୭।୧୨(ସମିସ):** ଶରତ ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ସଂସ୍କୃତି ବିଭାଗର କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ନେତୃବୃନ୍ଦ ଓ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଅନୁଷ୍ଠାନର ଅଧ୍ୟାପକ ଡ ଭଗବାନ ପଣ୍ଡାଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପଦ୍ମାବତୀ ସିଂ ଯୋଗଦେଇ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସନ୍ଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅନୁଷ୍ଠାନର ବରିଷ୍ଠ ଅଧ୍ୟାପକ ପ୍ରତାପକୁମାର ଦାସ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଦେଶରେ ପ୍ରଗତି କଳ୍ପେ ଯୁବ ଗୋଷ୍ଠୀର ଗୁରତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ନୋଡାଲ ଅଫିସର ଶୀତକଣ୍ଠ ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ବାବଦରେ ପିଲା ମାନଙ୍କୁ ମାର୍ଗଦର୍ଶନ କରାଇ ଥିଲେ। ସମ୍ମାନିତ ଅତିଥି ଭାବରେ ବିଦ୍ୟାଧର ବେହେରା, ପଙ୍କଜିନୀ ମହାନ୍ତ, ରବୀନ୍ଦ୍ର ପଣ୍ଡା, ଉଦୟ ବାରିକ, ଅଶୋକ କୁମାର ସାହୁ ଓ ମନୋରଞ୍ଜନ ବିହାରୀ ଦେଶ ଓ ଜାତିର ସଂସ୍କୃତି ଯୁବଗୋଷ୍ଠୀଙ୍କୁ ଆଗେଇନେବ ବୋଲି କହିଥିଲେ। ସଂସ୍କୃତି ବିଭାଗର ମୁଖ୍ୟ ପ୍ରଦୀପ କୁମାର ଦଳେଇ ଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ୪ତାରିଖରେ ଆରମ୍ଭ ହୋଇ ୮ ତାରିଖରେ ଉଦଯାପନି ହୋଇଥିଲା, ଏଥିରେ ୫୦୦ରୁ ଊଠର ଛାତ୍ରଛାତ୍ରୀ ଭାଗ ନେଇଥିଲେ।

# ମୟୂରଭଞ୍ଜ ଜିଲ୍ଲା ବିଭାଜନକୁ ଠାକୁରମୁଣ୍ଡା ଓ ଯଶିପୁରରେ ବିରୋଧ

**ଠାକୁରମୁଣ୍ଡା, ୭।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲାକୁ ବିଭାଜନ କରି ନୂତନ ରାଇରଙ୍ଗପୁର ଜିଲ୍ଲା ପୁର୍ନଗଠନ ପ୍ରସ୍ତାବକୁ କରଞ୍ଜିଆ ଉପଖଣ୍ଡ ଠାକୁରମୁଣ୍ଡା ବ୍ଲକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ବୁଧବାର ଠାକୁରମୁଣ୍ଡା ବ୍ଲକ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ମଧୁସୂଦନ ନନ୍ଦଙ୍କ ସଭାପତିତ୍ୱରେ ବ୍ଲକ ଗ୍ରାମପଞ୍ଚାୟତ ନିର୍ବାଚିତ ପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳ ର କର୍ମକର୍ତ୍ତା, ଗଣମାଧ୍ୟମ ର ପ୍ରତିନିଧି, ବୁଦ୍ଧିଜୀବୀ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ବୈଠକରେ ଉପସ୍ଥିତ ବ୍ୟକ୍ତିମାନେ ମୟୂରଭଞ୍ଜ ଜିଲ୍ଲାକୁ ବିଭାଜନ କରି ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡକୁ ମିଶାଇ ନୂତନ ରାଇରଙ୍ଗପୁର ଜିଲ୍ଲା ପ୍ରସ୍ତାବକୁ ବିରୋଧ କରିଥିଲେ। ଜିଲ୍ଲା ବିଭାଜନ ହେଲେ ଶିମିଳିପାଳ ଜୈବ ମଣ୍ଡଳ ଧ୍ୱସ୍ତବିଧ୍ୱସ୍ତ ହୋଇଯିବ। ଏହାଛଡା କଳା, ସଂସ୍କୃତି, ଐତିହସମ୍ପନ୍ନ ମୟୂରଭଞ୍ଜ ଜିଲ୍ଲାକୁ ବିଭାଜନ ନ କରିବାକୁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏ ନେଇ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଜିଲ୍ଲାପାଳ, ସ୍ଥାନୀୟ ବିଧାୟିକାଙ୍କ ଜଣାଇବାକୁ ଏକ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆଗାମୀ ଦିନରେ ଯଦି ଜିଲ୍ଲାକୁ ବିଭାଜନ କରାଯାଇ ଠାକୁରମୁଣ୍ଡା ବ୍ଲକକୁ ପ୍ରସ୍ତାବିତ ରାଇରଙ୍ଗପୁର ଜିଲ୍ଲାରେ ସାମିଲ କରାଯାଏ ତେବେ ବ୍ଲକବାସୀ ଆନ୍ଦୋଳନ କରଯିବାକୁ ନିଷ୍ପତ୍ତି ନିଆଯାଇଛି।



**ଯଶିପୁର:** ମୟୂରଭଞ୍ଜ ଜିଲ୍ଲାର କଳା, ସଂସ୍କୃତି, ଐତିହ୍ୟ ଏକ ଭିନ୍ନ ପ୍ରକାର। ଅଖଣ୍ଡ ମୟୂରଭଞ୍ଜ ଜିଲ୍ଲାକୁ ବିଭାଜନ ପାଇଁ ଚାଲିଛି ମସୁଧା। ଜିଲ୍ଲାକୁ ବିଭାଜନ କରି ରାଇରଙ୍ଗପୁରକୁ ନୂତନ ଜିଲ୍ଲା ଘୋଷଣା କରିବା ନିମନ୍ତେ ଚାଲିଛି ପ୍ରୟାସ। ଖୁବ ଶୀଘ୍ର ରାଇରଙ୍ଗପୁରକୁ ରାଜ୍ୟ ସରକାର ଜିଲ୍ଲା ଘୋଷଣା କରିବା ନେଇ ଆଲୋଚନା ହେଉଛି। ଏହାକୁ ବିରୋଧ କରି ଯଶିପୁର ଅଞ୍ଚଳର ବୁଦ୍ଧିଜୀବୀ, ସମାଜସେବୀ ଓ ସଚେତନ ନାଗରିକଙ୍କ ପକ୍ଷରୁ ପଦ୍ମପୁରରେ ଏକ ପ୍ରତିବାଦ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୟୂରଭଞ୍ଜ ଜିଲ୍ଲାକୁ ଭାଗ କରା ନ ଯାଉ ବୋଲି ନିଷ୍ପତ୍ତି ନିଆଯାଇଛି। ଯଦି ଭାଗ କରାଯାଉଛି ତେବେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ନାମରେ ନାମିତ କରାଯାଉ ବୋଲି ବୈଠକରେ ମତପ୍ରକାଶ ପାଇଛି। ଭୌଗୋଳିକ ଦୃଷ୍ଟିକୋଣରୁ ରାଇରଙ୍ଗପୁର, କରଞ୍ଜିଆ ଦୁଇ ଉପଖଣ୍ଡର କେନ୍ଦ୍ରସ୍ଥଳୀ ଯଶିପୁରକୁ ଜିଲ୍ଲା ମୁଖ୍ୟାଳୟ ଭାବରେ ସରକାର ଘୋଷଣା କରନ୍ତୁ ବୋଲି ବୈଠକରେ ସର୍ବ ସମ୍ମତ ଭାବେ ମତ ପ୍ରକାଶ ପାଇଛି। ନଚେତ ଆଗାମୀ ଦିନରେ ଦଳମତ ନିର୍ବିଶେଷରେ ଜନସାଧାରଣଙ୍କୁ ନେଇ ଯଶିପୁରବାସୀ ତୀବ୍ର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ବୈଠକରେ ଅବସରପ୍ରାପ୍ତ ମେଜର ଦେବେନ୍ଦ୍ର ନାଥ ଦାସ, ସମାଜସେବୀ ଓମକାର ରାମ, ଦୀପକ ମହାନ୍ତ, ବିଭୁଦତ୍ତ ମିଶ୍ର, ଅଜୟ ରାମ, ଧର୍ମେନ୍ଦ୍ର ରାମ, ରଜତ ବାରିକ ସମେତ ସାମ୍ବାଦିକ, ବୁଦ୍ଧଜୀବୀ ଉପସ୍ଥିତ ଥିଲେ।

## ସାପ୍ତାହିକ ହାଟର ଉନ୍ନତିକରଣ ନେଇ ଜରୁରୀ ବୈଠକ

**ବେତନଟୀ, ୭।୧୨(ସମିସ):** ନିୟନ୍ତ୍ରିତ ବଜାର କମିଟି (ଆରଏମସି) କାର୍ଯ୍ୟାଳୟ ପରିସର ସଭାଗୃହରେ ବିଭିନ୍ନ ସାପ୍ତାହିକ ହାଟର ଉନ୍ନତିକରଣ ଏବଂ ସମସ୍ୟା ସମାଧାନ ସାଙ୍ଗକୁ ଅନ୍ୟାନ୍ୟ ପ୍ରସଙ୍ଗରେ ଭାଇସ ଚେୟାରମ୍ୟାନ ଏବଂ ନିର୍ଦ୍ଦେଶକଙ୍କୁ ନେଇ ଏକ ଜରୁରୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛ। ଭାଇସ ଚେୟାରମ୍ୟାନ ରବିନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବେତନଟୀ ଆରଏମସି ସେକ୍ରେଟାରୀ ସଦାନନ୍ଦ ମାର୍ଣ୍ଡି ସଂଯୋଜନା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ବେତନଟୀ, ବାଲିଯୋଡ଼ା ଏବଂ ଡାହିବାଡ଼ି ସମେତ ବିଭିନ୍ନ ସାପ୍ତାହିକ ହାଟର ଉନ୍ନତିକରଣ ସାଙ୍ଗକୁ ବେତନଟୀ ସାପ୍ତାହିକ ହାଟ ଭିତରେ ଅସ୍ଥାୟୀ ଘର କରି ବସବାସ କରୁଥିବା ଅନଧିକୃତ ଲୋକଙ୍କୁ କିଭଳି ଅପସାରଣ କରାଯିବ ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଆଜିର ଏହି ବୈଠକରେ ୧୩ଜଣ ଡାଇରେକ୍ଟର ଯୋଗ ଅଂଶଗ୍ରହଣ କରିଥିଲେ। ପରିଚାଳନାରେ ଆରଏମସି କର୍ମଚାରୀ ପରିଚାଳନା କରିଥିଲେ।

## ବିଶୋଇ ଚାମ୍ପିଅନ୍ ଲିଗ୍ କ୍ରିକେଟ୍ ଚୟନ ପ୍ରକ୍ରିୟା ଶେଷ

**ବିଶୋଇ, ୭ ।୧୨ (ସମିସ):** ବିଶୋଇ ଯୁବଗୋଷ୍ଠୀ ପକ୍ଷରୁ ବିଶୋଇ ଚାମ୍ପିଅନ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସଂସ୍କରଣ ପାଇଁ ଖେଳ ଚୟନ ପ୍ରକ୍ରିୟା ଶେଷ ହୋଇଛି। ଏହି ଚୟନ ପ୍ରିକ୍ରିୟାରେ ବିଶୋଇ ଓ ବିଜାତଳା ବ୍ଲକର ୧୩୦ ଜଣ ପ୍ରତିଭାବାନ ଖେଳାଳି ଅଂଶଗ୍ରହଣ କରିଥିଲେ। ମାନସରଞ୍ଜନ ମହାପାତ୍ରଙ୍କ ଶାନ୍ତିଲତା ଆସୋସିଏଟ, ସଞ୍ଜୟ କୁମାର ସିଙ୍କ ଜୟ ବାବା କଳାପାଟ (ବିଜାତଳା), ଦେବ ପ୍ରସାଦ ମହାନ୍ତଙ୍କ ଏସବିସି ଲିଜେଣ୍ଡ, ଦେବାଶିଷ ମହାନ୍ତଙ୍କ ଗୁଣ୍ଡୁରିଆ ପାନ୍ଥର, ସାହେବ ଅଲ୍ଲି ଖାଁଙ୍କ ଏସଆର ଡ୍ରାଗନ ବିଶୋଇ, ଅଭିଶେଖ ଘୋଷଙ୍କ ବିଶୋଇ ଫାଇଟର୍ସ ଦଳ ମଧ୍ୟରେ ଚଳିତ ବର୍ଷ କ୍ରିକେଟ ଖେଳ ହେବ।ଛ ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ ଓ ବିଶୋଇ ଅଞ୍ଚଳର ବରିଷ୍ଠ ଉପଦେଷ୍ଟା ମଣ୍ଡଳୀଙ୍କ ଉପସ୍ଥିତିରେ ୬ଟିଯାକ ଦଳର ମାଲିକ ଓ ଆଇକନ ଖେଳାଳି ଅକ୍ସନ ଜରିଆରେ ଖଳାଳିଙ୍କୁ ଚୟନ କରିଥିଲେ। ବିଶୋଇ ବ୍ଲକ ବାଉତିବେଡା ପଞ୍ଚାୟତର ନୂଆଡ଼ିହି ଗ୍ରାମର ସିପୁ ଗିରିଙ୍କୁ ଅଲରାଉଣ୍ଡର ଭାବେ ସର୍ବାଧିକ ମୂଲ୍ୟରେ ଶାନ୍ତିଲତା ଆସୋସିଏଟ କିଣିଥିଲା। ଏହି ଲିଗ୍ ଆସନ୍ତା ଡିସେମ୍ବର ୨୩ରୁ ୩୦ ତାରିଖ ଯାଏଁ ହେବାର ସୂଚନା ପ୍ରଦାନ କରାଯାଇଛି। ଗ୍ରାମାଞ୍ଚଳସ୍ତରରେ ଖେଳାଳିଙ୍କୁ କ୍ରିକେଟ ଭଳି ଲୋକପ୍ରିୟତା କ୍ରୀଡା ପ୍ରତି ଆକର୍ଷିତ କରିବା ଲକ୍ଷ୍ୟ ନେଇ ଏହି ଲିଗ୍ ଆୟଜନ କରାଯାଉଛି ବୋଲି ବିଶୋଇ ଯୁବ ଗୋଷ୍ଠୀ ମତ ରଖିଛି।



## ହାତମାରିଲେ କୁଳିଅଣା-ଜଗନ୍ନାଥ ଖୁଣ୍ଟା ରାସ୍ତାରୁ ଉଠୁଛି ପିଚୁ



**କୁଳିଅଣା, ୭।୧୨(ସମିସ):** କୁଳିଅଣା ଛକରୁ ଜଗନ୍ନାଥ ଖୁଣ୍ଟା ହାଇସ୍କୁଲ ପର୍ଯ୍ୟନ୍ତ ରାସ୍ତା ଆର୍‌ଡି ବିଭାଗ ଦ୍ୱାରା ମରାମତି କରାଯାଇଥିଲା; ହେଲେ ମାତ୍ର ୩ ଦିନତଳେ ମରାମତି ହୋଇଥିବା ଏହି ରାସ୍ତାରୁ ହାତ ମାରିଲେ ପିଚୁ ଉଠିଯାଉଛି। ପ୍ରତିଦିନ ଏହି ରାସ୍ତାରେ ହଜାର ହଜାର ଲୋକ ସହିତ ଅନେକ ଯାନବାହନ ଚଳାଚଳ କରେ। ହେଲେ ବିଭାଗର ଏପରି ବେପରୁଆ ମରାମତିକୁ ନେଇ ଅଞ୍ଚବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରାସ୍ତା ମରାମତି ନେଇ ଅଞ୍ଚଳବାସୀ ଏକତ୍ରିତ ହୋଇ ବରୋଧର ସ୍ୱର ଉତ୍ତଳନ କରିଛନ୍ତି। ଖରାପ ହୋଇଥିବା କାମକୁ ପୁଣିଥରେ କରିବା ପାଇଁ ଦାବି କରିଛନ୍ତି ଗ୍ରାମର ବିଶ୍ୱ ନାରାୟଣ ଜିତ ବାବୁ, ଆନନ୍ଦ ବେହେରା ସହିତ ଗ୍ରାମବାସୀ ଅଭିଯୋଗ କରି କହିଛନ୍ତି। ଯଦି ଆଗାମୀ ଦିନରେ ଏହି ରାସ୍ତା ପୁଣି ମରାମତି କରାନଯାଏ ତେବେ ରାଜରାସ୍ତାକୁ ଅବରୋଧ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ବାବଦରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ପ୍ରତିକ୍ରିୟା ଦେବାକୁ ମନା କରି କହିଦେଇଥିଲେ। ଉପରିସ୍ଥ ଅଧିକାରୀଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ




**କରଞ୍ଜିଆ, ୭।୧୨(ସମିସ):** କରଞ୍ଜିଆ ପାଞ୍ଚପୀର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓଡ଼ିଶା ନିବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବୁଧବାର ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଉମେଶ କୁମାର ଅଗ୍ରୱାଲ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରୀଡା, ସାହିତ୍ୟ, ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏହି ଅବସରରେ କ୍ରିକେଟ, କ୍ୟାରେମ, ଭଲିବଲ, ଚେସ, କବାଡି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ମାନସ କୁମାର ବେହେରାଙ୍କ ଦ୍ୱାରା ବିଭିନ୍ନ ଦୌଡ଼, ଉଚ୍ଚ ଡିଆଁ, ଲମ୍ବ ଡିଆଁ, କ୍ୟାରମ ଚେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କାବୁଲୁ ରାଉଳ ଓ ସେହେନାଜ ବେଗମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଦିଲ୍ଲୀପ କୁମାର ପୃଷ୍ଟି, ମମତାରାଣୀ ସାହୁ, ସଂଯତ କୁମାର କର, ଯଯାତି କେଶର ମହାନ୍ତ, ଶୁଭ୍ରାଂଶୁ ତ୍ରିପାଠୀ, ଶୁଭଦର୍ଶନୀ ଶ୍ୱେତପଦ୍ମା, ଡି. ବାରିକ, ରିମା ସେଠୀ, ପ୍ରିୟଙ୍କା ପାତ୍ର, ଅର୍ଚ୍ଚନା ମାଝୀ, କର୍ମୀ ବାସ୍କେ, ବେଣୁଧର ମହାନ୍ତ ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ।

## ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**କୁଆମରା, ୭।୧୨(ସମିସ):** ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ପଞ୍ଚପଲ୍ଲି ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ବୁଧବାର ଉଦଘାଟିତ ହୋଇଯାଇଛି। ନୂଆ ଓଡ଼ିଆ ସଶକ୍ତ ଯୁବ ଓଡ଼ିଶା ଗଠନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଗୁଣାକର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ରବୀନ୍ଦ୍ର ସିଂ, ନୋଡାଲ ଅଫିସର ଅଧ୍ୟାପକ ଜୟନ୍ତ କୁମାର ପତି, ସୁଧୀର କୁମାର ରୂପ ଓ ଜୟନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଖେଳ ଶିକ୍ଷକ କାର୍ତ୍ତିକ କୁମାର ମହାପାତ୍ର କ୍ରୀଡା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଅଧ୍ୟାପକ ବିଜୟ କୁମାର ଗିରି, ମୁକ୍ତିପ୍ରିୟ ମିଶ୍ର, ଅମର ନାୟକ, ଅକ୍ଷୟ ନାୟକ, ଅଧ୍ୟାପିକା ଉର୍ମିଳା ନାୟକ, କର୍ମଚାରୀ ଯୋଗେନ୍ଦ୍ର ବେହେରା, ଯୋଗେନ୍ଦ୍ର ଜେନା, ମିନତୀ ନାୟକ, ରବୀନ୍ଦ୍ର ନାୟକ ପ୍ରମୁଖ ପରିଚାଳନା କରିଥିଲେ।




## ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

### ଉଲ୍ଲଙ୍ଘନକାରୀଙ୍କୁ ଗୋଲାପ ଫୁଲ ଦେଇ ସଚେତନ କଲେ ଏସ୍‌ପି



**ବାରିପଦା, ୭ ।୧୨(ସମିସ):** ସଡ଼କ ସୁରକ୍ଷା ସଚେତନତା ଶୂନ୍ୟ ମୃତାହତ ସପ୍ତାହ ପାଳନ ଅବସରରେ ପୁଲିସ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବୁଧବାର ଭଞ୍ଜପୁର ସ୍ଥିତ ରିଜର୍ଭ କାର୍ଯ୍ୟାଳୟ ସମ୍ମୁଖରେ ପୁଲିସ ପକ୍ଷରୁ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ. ସୁଶ୍ରୀ ନିଜେ ଉପସ୍ଥିତ ରହି ମଟରଯାନ ଚଳାଚଳ ଆଇନ ଉଲ୍ଲଙ୍ଘନକାରୀ ଚାଳକଙ୍କୁ ଗୋଲାପ ଫୁଲଦେଇ ସଚେତନ କରିଥିଲେ। ଟ୍ରାଫିକ ନିୟମ ପାଳନ ପୂର୍ବକ ଗାଡି ମଟର ଚାଳନା କରିବା ଓ ହେଲମେଟ ପରିଧାନ କରିବା ନେଇ ସଚେତନ କରିଥିଲେ। ଏଥିରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମାଶଙ୍କର ମହାରଣା ଏବଂ ଅନ୍ୟାନ୍ୟ ପୁଲିସ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କୁ ଟ୍ରାଫିକ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ଏଥିରେ ସମାଜସେବୀ ରାକେଶ ସିଂ, ଜୀବନ ଧାରାର ଅଧ୍ୟକ୍ଷ ଚନ୍ଦନ ସେଜପଡ଼ା ଓ ଟ୍ରଷ୍ଟ ମେମ୍ବର ଅଜିତ କୁମାର ନାୟକ ସହଯୋଗ କରିଥିଲେ।

### ‘ମାନବ ସେବା ହିଁ ମାଧବ ସେବା’

# ନିଃସ୍ୱାର୍ଥ ସେବାରେ ସପର୍ପିତ ସୁଦର୍ଶନ

**ରାଇରଙ୍ଗପୁର, ୭ ।୧୨(ସମିସ):** ଲୋକମାନଙ୍କ ପ୍ରତି ସେବାଭାବ, ନିଃସ୍ୱାର୍ଥ ବ୍ୟକ୍ତିତ୍ୱ ଅନ୍ୟମାନଙ୍କ ପ୍ରତି ଆଦର୍ଶ ସୃଷ୍ଟି କରିଥାଏ। ଗ୍ରାମାଞ୍ଚଳରେ ମଧ୍ୟ ଏପରି ବ୍ୟକ୍ତିତ୍ୱ ଦେଖିବାକୁ ମିଳିଥାଏ। ତାଙ୍କ ଜୀବନରେ ସଂଗ୍ରହ କରିଥିବା ଉପଲବ୍ଧିଗୁଡିକ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟି ଥାଏ। ଏପରି ଏକ ସଫଳ ବ୍ୟକ୍ତି ହେଉଛନ୍ତି ସୁଦର୍ଶନ ବସା। ବହଳଦା ବ୍ଲକ କାଙ୍କି ଗ୍ରାମ ପଞ୍ଚାୟତ ବିଂଝୁଆ ଗାଁର ସୁଦାମ ଚରଣ ବସାଙ୍କ ପୁତ୍ର ହେଉଛନ୍ତି ସୁଦର୍ଶନ ବସା। ସେ ୨ ମାର୍ଚ୍ଚ ୧୯୫୨ ମସିହାରେ ଜନ୍ମଲାଭ କରିଥିଲେ। ସୁଦର୍ଶନ ବାଲ୍ୟକାଳଠାରୁ ହିଁ ସେବାଭାବ ରହିବା ସହ ସମାଜ ପ୍ରତି କିଛି ନୂଆ କରିବା ପାଇଁ ଅଭିଳାଷ ରହିଥିଲା। ପରିବାର ଆର୍ଥିକ ପରିସ୍ଥିତି ଦୁର୍ବଳ ରହିଥିବାରୁ ମାଟ୍ରିକ ପର୍ଯ୍ୟନ୍ତ ଶିକ୍ଷାଲାଭ କରି ବ୍ୟବସାୟ କ୍ଷେତ୍ରରେ ପାଦ ଦେଇଥିଲେ। ସେ ପ୍ରଥମେ କଟକରୁ ଚେରମୂଳି ଓ ହୋମିଓପାଥିକ ଚିକିତ୍ସା ଶିକ୍ଷାଲାଭ କରି ସେବା ଆରମ୍ଭ କରିଥିଲେ। ଏଥିସହିତ ନିଜ ଗାଁ ସମାଜର ମଙ୍ଗଳ ପାଇଁ ଧାର୍ମିକ, ସାମାଜିକ ଓ ଶିକ୍ଷା କ୍ଷେତ୍ରେରେ ମଧ୍ୟ ସୁଦର୍ଶନ ଗାଁର ହରିହର ମନ୍ଦିର ପୁନଃ ନିର୍ମାଣ କରାଇବା ସହିତ ବିଞ୍ଝୁଆ ଗାଁରେ ଶିକ୍ଷାର ବିକାଶ ପାଇଁ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା କରାଇବାରେ ନେତୃତ୍ୱ ନେଇଥିଲେ। ତାଙ୍କ ଜୀବନର ମୂଳ ମନ୍ତ୍ର ମାନବ ସେବା ହିଁ ମାଧବ ସେବା ରହିଥିଲା। ସୁଦର୍ଶନଙ୍କ ସାହିତ୍ୟ ସହିତ କବିତା ଲେଖନରେ ମଧ୍ୟ ରୁଚି ରହିଥିଲା। ତାଙ୍କ କବିତା ଝାଡଖଣ୍ଡର ତତ୍କାଳୀନ ରାଜ୍ୟପାଳ ତଥା ବର୍ତ୍ତମାନ



ଭାରତର ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କ ଦ୍ୱାରା କବି ହିସାବରେ ପ୍ରଶଂସାପତ୍ର ପ୍ରାପ୍ତି କରିଥିଲେ। ସେହିପରି ୨୦୦୮ ମସିହା କଟକ ସହିଦ ଭବନରେ ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ବିଶ୍ୱଭୂଷଣ ହରିଚନ୍ଦନ ପୂର୍ବତନ ମନ୍ତ୍ରୀ ଓ ବର୍ତ୍ତମାନର ଛତିଶଗଡ଼ ରାଜ୍ୟପାଳ, ଶରତ କୁମାର କର ପୂର୍ବତନ ବାଚସ୍ପତି, ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ କବି ଉପାଧି ପ୍ରଦାନ କରିଥିଲେ। ଗତ ୨୦୧୭ ମସିହା ରାଇରଙ୍ଗପୁର ପୁସ୍ତକମେଳାରେ ‘ସୃଜନ ଶ୍ରୀଖକବି’ ଉପାଧି ଲାଭ କରିଥିଲେ। ସେ ଜଗନ୍ନାଥ ଚେତନା ସଂଘର ଆଜୀବନ ସଦସ୍ୟ ରହିଛନ୍ତି। ଏହା ବ୍ୟତୀତ ରାଜନୈତିକ କ୍ଷେତ୍ରରେ ଅନ୍ଧ ଓ ଗରିବ ଅସହାୟ ଲୋକ ମାନଙ୍କ ଭତ୍ତା ଏବଂ ଗୃହ ନିର୍ମାଣ ସହିତ ଅନ୍ୟ ସମାଜସେବା କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ବହଳଦା ସହିତ ଉପଖଣ୍ଡ ଅଞ୍ଚଳରେ ସୁଦର୍ଶନ ସେବା କାର୍ଯ୍ୟ ପାଇଁ ନିଜ ପରିଚୟ ସୃଷ୍ଟି କରିଛନ୍ତି।

## ଅଦ୍ଭୁତ ବାଛୁରୀ ଛୁଆ ଜନ୍ମ

**କପ୍ତିପଦା, ୭।୧୨(ସମିସ):** ଶରତ ଥାନା ଲାବଣ୍ୟଦେଇପୁର ପଞ୍ଚାୟତ କଟୁରିଆ ଗ୍ରାମରେ ଏକ ଅଦ୍ଭୂତ ବାଛୁରୀ ଛୁଆ ଜନ୍ମ ହୋଇଛି; ଯାହାକୁ ଦେଖିବା ପାଇଁ ଶହ ଶହ ଲୋକଙ୍କ ଭିଡ ଲାଗୁଛି। ଗ୍ରାମର ମାନସ ମହାନ୍ତିଙ୍କ ଗୁହାଳରେ ଗତକାଲି ରାତିରେ ଏକ ଅଦ୍ଭୁତ ଅଣ୍ଡିରା ବାଛୁରୀ ଜନ୍ମ ନେଇଛି। ମୁଣ୍ଡ ଅଛି ଏବଂ ମୁଣ୍ଡର ଉପରି ଭାଗରେ ଗୋଟିଏ ଆଖି ରହିଛି; ମାତ୍ର ନାକ ନାହିଁ। ବାଛୁରୀଟି ପାଟିରେ ନିଃଶ୍ୱାସ ନେଉଛି। ଦେଖିବାକୁ ଅଦ୍ଭୁତ। ବାଛୁରୀଟି ଜଙ୍ଗଲୀ ପଶୁ ଭଳି ଦେଖାଯାଉଛି। ତେବେ ବାଛୁରୀଟି ଅଦ୍ୟାବଧି ସୁସ୍ଥ ଥିବା ଜଣାପଡ଼ିଛି।

## ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଜରିମାନା ଆଦାୟ

**ଚମ୍ପୁଆ, ୭।୧୨(ସମିସ):** ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଚମ୍ପୁଆ ପୋଲିସ ପକ୍ଷରୁ ଏମ୍‌ଭି ଚେକିଂ କରାଯାଇ ୬ ଲକ୍ଷ ୫୨ ହଜାର ୫ ଶହ ଟଙ୍କା ଆଦାୟ କରାଯାଇଥିବା ବେଳେ ମଦ୍ୟପାନ କରି ଗାଡ଼ି ଚାଳାଉଥିବା ୩ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ତ୍ରିନାଥ ସେଠୀ ସୂଚନା ଦେଇଛନ୍ତି। ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ ସ୍ୱତନ୍ତ୍ର ଡ୍ରାଇଭ କରାଯାଉଥିବା ବେଳେ ଚମ୍ପୁଆ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଏମ୍‌ଭିଆଇ ଚେକିଂ କରାଯାଇ ଫାଇନ ଆଦାୟ କରାଯାଇଛି। ସାମ୍ପ୍ରତିକ ପରିସ୍ଥିତିରେ ବଢ଼ୁଥିବା ଦୁର୍ଘଟଣାକୁ ପ୍ରଶମିତ କରିବା ଲକ୍ଷ ନେଇ ଏହି ଚେକିଂ କରାଯାଉଥିବା ବେଳେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଅନ୍ୟପକ୍ଷରେ ପୋଲିସ ପକ୍ଷରୁ ୨ ଚକିଆ ଯାନକୁ ମଧ୍ୟ ଜବତ କରାଯାଇଛି। ଦୁର୍ଘଟଣାକୁ ରୋକିବା ପାଇଁ ବିଭିନ୍ନ ସଚେତନତା ସୃଷ୍ଟି କରାଯାଉଥିଲେ ମଧ୍ୟ ତାହା ସେତେ ଫଳପ୍ରଦ ହୋଇପାରୁନାହିଁ। ୧୮ ବର୍ଷରୁ କମ ବୟସର ପିଲା ଏବଂ ଲାଇସେନ୍ସ ନଥିବା ପିଲାଙ୍କୁ ଗାଡି ନଦେବା ପାଇଁ ଅଭିଭାବକ ମାନଙ୍କୁ ଥାନା ଅଧିକାରୀ ଶ୍ରୀ ସେଠୀ ପରାମର୍ଶ ଦେଇଛନ୍ତି।

## ଆନନ୍ଦପୁରରେ ମହାପରିନିର୍ବାଣ ଦିବସ

**ଆନନ୍ଦପୁର, ୭।୧୨(ସମିସ):** ଆନନ୍ଦପୁର ବାବା ସାହେବ ଆମ୍ବେଦକର ସେବାସଂଘ ତରଫରୁ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ୬୮ତମ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସେବାସଂଘର ଉପସଭାପତି ପ୍ରାଣନାଥ ଜେନାଙ୍କ ପୌରୋହିତ୍ୟରେ ସୁଡୁସୁଡ଼ିଆ ବାଇପାସ୍‌ସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସେବାସଂଘ କାର୍ଯ୍ୟାଳୟ ବାଇଲୋ ଠାରେ ଅନୁଷ୍ଠିତ ବୈଠକରେ ଉପସଭାପତି ପ୍ରାଣନାଥ ଜେନା ସଭାପତିତ୍ୱ କରିଥିବା ବେଳେ ସାଂସ୍କୃତିକ ସମ୍ପାଦକ କଳାକାର ଜେନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଚତୁର୍ଭୁଜ ଜେନା, ମୁଖ୍ୟ ଉପଦେଷ୍ଟା ଅକ୍ରୁର ଚରଣ ଜେନା, ଉପଦେଷ୍ଟା ହରିହର ଦାଶ, ଅପର୍ତ୍ତି ଚରଣ ଜେନା, ପଦ୍ମନାଭ ଜେନା, ରବୀନ୍ଦ୍ର ପ୍ରସାଦ ଚାନ୍ଦ, ଉପସଭାପତି ଶ୍ରୀକାନ୍ତ ଜେନା ଆମ୍ବେଦକରଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ସହସାଧାରଣ ସମ୍ପାଦକ ସୁରେଶ କୁମାର ଜେନା, ଚନ୍ଦ୍ରଶେଖର ଜେନା, ସୁଶାନ୍ତ କୁମାର ଜେନା, ଦିଲ୍ଲୀପ କୁମାର ଜେନା, ଗଣେଶ ପ୍ରସାଦ ଜେନା, ପ୍ରମୋଦ କୁମାର ଜେନା, ନାରାୟଣ ଜେନା, ସୁରେନ୍ଦ୍ର କୁମାର ଜେନା, ଚତୁର୍ଭୁଜ ଜେନା ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବାର୍ଷିକ ଦୌଡ଼ କୁଦ ପ୍ରତିଯୋଗିତା

**କେନ୍ଦୁଝର, ୭।୧୨ (ସମିସ):** ସ୍ଥାନୀୟ ଶଙ୍କରପୁରସ୍ଥ ଧରଣୀଧର ସ୍ପୋର୍ଟ୍ସ କମ୍ପେ୍ଲକ୍ସରେ ଜିଲ୍ଲା କ୍ରୀଡା ସଂସ୍ଥା କେନ୍ଦୁଝରର ୭୦ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଏ. କୁଜୁରଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି କ୍ରୀଡା ଓ କ୍ରୀଡ଼ାବିତ ମାନଙ୍କ ସଫଳତା କାମନା କରିଥିଲେ। ଏହି ତିନିଦିନିଆ କ୍ରୀଡା ଉତ୍ସବରେ କ୍ରୀଡା ସଂସ୍ଥା ଉପସଭାପତି ସୁରେଶ ପଟନାୟକ କ୍ରୀଡା ପତାକା ଉତ୍ତୋଳନ କରି ସମ୍ମିଳିତ ମାର୍ଚ୍ଚପାଷ୍ଟରେ ଅଭିବାଦନ ଗ୍ରହଣ କରିଥିଲେ। କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ ବିବରଣୀ ପ୍ରଦାନ କରିବା ସହିତ ପ୍ରତିଯୋଗିତା ପରିଚାଳନା କରିଥିଲେ। ଜିଲ୍ଲା ରେଡ଼କ୍ରସ ଯୁଗ୍ମ ସମ୍ପାଦକ ଏ ଆର ଖାନ ଅନ୍ୟତମ ଅତିଥିଭାବେ ଯୋଗଦେଇ କ୍ରୀଡ଼ାବିତ ମାନଙ୍କୁ ଉଦବୋଧନ ଦେଇ ଉତ୍ସାହିତ କରିଥିଲେ। କୋଷାଧ୍ୟକ୍ଷ ସରୋଜ କୁମାର ରଣା ଙ୍କ ସମେତ ହୃଦାନନ୍ଦ ଦାଶ, ଗିରିଶ ହୋତା, ରାଜକୁମାର ମିଶ୍ର, ଲକ୍ଷ୍ମଣ ମୁର୍ମୁ, ପ୍ରଦୀପ ବାରିକ, ରାଜେନ୍ଦ୍ର ସି, ପ୍ରମୁଖ ଉପସ୍ଥିତ ଥିଲେ

## ଖଣିଜ ସଂରକ୍ଷଣ ସପ୍ତାହ ପାଳିତ

**ଛେନାପଦି, ୭।୧୨(ସମିସ):** ବଡଲା ଠାରେ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବକ୍ତୃତା, ଚିତ୍ରକଳା, ସ୍ଲୋଗାନ କାର୍ଯ୍ୟକ୍ରମରେ ବାଙ୍ଗୁର କର୍ମଚାରୀ ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସ୍କୁଲ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ୫ଶହ ଚାରାରୋପଣ କରାଯାଇଥିଲା। ବାଙ୍ଗୁର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଞ୍ଚଳିକ ପ୍ରବନ୍ଧକ ମନୋଜ କୁମାର ପତି ଉଦଘାଟନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇବିଏମ ଦ୍ୱାରା ଗଠିତ ଟିମ ଖଣି ପରିଦର୍ଶନ କରି ସାଂସ୍କୃତିକ ସଭାରେ ଯୋଗଦାନ କରି କୃତୀ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏଥିରେ ଖଣି ପ୍ରବନ୍ଧକ ସୁଶାନ୍ତ ନାୟକ, ବରିଷ୍ଠ ଭୁତତ୍ତ୍ୱ ପ୍ରବନ୍ଧକ ଦେବାଶିଷ ନାୟକ, ମନ୍ମଥ ବେହେରା, ଭାଗିରଥି ମାଝୀ, ବରିଷ୍ଠ ପ୍ରବନ୍ଧକ ସ୍ନେହପୁଷ୍ପା ମୁର୍ମୁ, ଅର୍ଥ ପ୍ରବନ୍ଧକ ପିଙ୍କି ହେମ୍ବ୍ରମ, କାର୍ମିକ ପ୍ରବନ୍ଧକ ଅଶୋକ ସ୍ୱାଇଁ, ବିଦ୍ୟୁତ ପ୍ରବନ୍ଧକ ସୁଶ୍ରୀ ସୁମନା ଦାସ, ଉପ-ଭୁତତ୍ତ୍ୱ ପ୍ରବନ୍ଧକ ସୁକାନ୍ତ ବିଶ୍ୱାଳ, ଯାନ୍ତ୍ରିକ ସହ ପ୍ରବନ୍ଧକ ବୁଲୁ ମଲ୍ଲିକ, ଖଣି ସହ ପ୍ରବନ୍ଧକ ସୁରଜ ସେଠୀ, ଖଣି ଉପ ପ୍ରବନ୍ଧକ ଶ୍ରୀମନ୍ତ ପାତ୍ର, ସର୍ବେକ୍ଷଣ ସହ ପ୍ରବନ୍ଧକ ସତ୍ୟବ୍ରତ ମାଝୀ, ଖଣି ଉପପ୍ରବନ୍ଧକ ଦୀନବନ୍ଧୁ ବେହେରା, କମଲ ଜ୍ୟୋତି ସାହୁ, ରମେଶ ଚନ୍ଦ୍ର ସାହୁ, କୁମୁଦ ମହାନ୍ତ, ଅମିତ କୁମାର ମହାନ୍ତ, ସ୍ୱପ୍ନଜିତ ରାଏ, ରାଜଶ୍ରୀ ସ୍ୱାଇଁ, ଧନଞ୍ଜୟ ସାହୁ ତଥା ଅନ୍ୟାନ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନା କରିଥିଲେ।

## ବିକଶିତ ଭାରତ ସଂକଳ୍ପ ଯାତ୍ରାକୁ ସ୍ୱାଗତ

**ଘସିପୁରା, ୭।୧୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ କେଶଦୁରାପାଳ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଂକଳ୍ପ ଯାତ୍ରା ରଥରେ ଲାଗିଥିବା ଏଲ୍‌ଇଡି ମାଧ୍ୟମରେ ଉପସ୍ଥିତ ଥିବା ଜନସାଧାରଣଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ପ୍ରସ୍ତୁତ ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେଶଦୁରାପାଳ ପଞ୍ଚାୟତର ମାନସୀ ମହାରଣା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ପଙ୍କଜ କୁମାର ସାହୁ, ନାଏବ ସରପଞ୍ଚ ସଞ୍ଜୟକୁମାର ଓଝା, ଜିଆରଏସ୍ ଜିତେନ୍ଦ୍ର କୁମାର ସାହୁ, ପୋଷ୍ଟ ମାଷ୍ଟର ସୌମ୍ୟରଞ୍ଜନ ସାହୁ, ବିଶ୍ୱନାଥ ସାହୁ, ସ୍ୱାସ୍ଥ୍ୟକର୍ମୀ ଆଦର୍ଶ ରାଉତ, ଆଶାକର୍ମୀ ତିଲୋତ୍ତମା ମହାରଣା, ଏମବିକେ ରଶ୍ମିତା ଓଝା, ମହିଳା ସ୍ୱୟଂ ସହାୟିକା ସଭାପତି କନକ ରାମ, ୱାର୍ଡମେମ୍ବର ସୁଦର୍ଶନ ମହାରଣା ଏବଂ ସାମ୍ବାଦିକ ଅବିନାଶ ଶତପଥି ସମେତ ଗ୍ରାମର ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ।

# ଆନନ୍ଦପୁରକୁ ଜିଲ୍ଲା ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**ଆନନ୍ଦପୁର, ୭।୧୨ (ସମିସ):**

ଅବିଭକ୍ତ କେନ୍ଦୁଝର ଜିଲାର ସର୍ବବୃହତ ଆନନ୍ଦପୁର ଉପଖଣ୍ଡ କୁ ଜିଲାମାନ୍ୟତା ଦାବି ରେ ଆଜି ଆନନ୍ଦପୁର ପ୍ରେସ ଫୋରମ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଫୋରମର ଉପଦେଷ୍ଟା କମଳାକାନ୍ତ ଦାସ, ସଭାପତି ଉମେଶ ଚନ୍ଦ୍ର ପାଢି ଓ ସମ୍ପାଦକ ନିର୍ମଳ ଚନ୍ଦ୍ର ରାଉଳଙ୍କ ତତ୍ୱାବଧାନରେ ଫୋରମର ସମସ୍ତ କର୍ମକର୍ତ୍ତା ଓ ସ୍ଥାନୀୟ ବୁଦ୍ଧିଜିବୀ ମାନେ ଆନନ୍ଦପୁର ଉପଜିଲାପାଳ ଚିତ୍ତରଞ୍ଜନ ମହାନ୍ତଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଫୋରମ କର୍ମକର୍ତ୍ତା ଲକ୍ଷ୍ମଣ କୁମାର ବେହେରା, ମନୋଜ କୁମାର ବାରିକ, ପଦ୍ମନାଭ ସାହୁ, ଅନନ୍ତ ଚରଣ ପହି, ନିରାକାର ପରିଡ଼ା, ପ୍ରୀତିରଞ୍ଜନ ବେହେରା, ଶିବାନନ୍ଦ ଦାସ, ସଞ୍ଜୀବ କୁମାର ମହାନ୍ତି, ଜ୍ୟୋତିରଞ୍ଜନ ଜେନା, ଗୁରୁଚରଣ ସେନାପତି, ପଙ୍କଜ ସାବତ, ଗଣେଶ୍ୱର ସା, କିରଣ କୁମାର ନାୟକ, ସତିଶ କୁମାର ସା, ଦେବେନ୍ଦ୍ର କୁମାର ମିଶ୍ର, ଅଶୋକ କୁମାର ରାଉତ ପ୍ରମୁଖ ଉପଜିଲ୍ଲାପାଳ ଶ୍ରୀ ମହାନ୍ତଙ୍କ ସହିତ ସାକ୍ଷାତ ଆଲୋଚନା କରି ଆନନ୍ଦପୁରକୁ ନୂଆ ଜିଲ୍ଲାର ମାନ୍ୟତା ଦେବା ନେଇ ଆଲୋଚନା କରିଥିଲେ। ରାଜ୍ୟ ସରକାର ନୂଆ ଜିଲ୍ଲା ଗଠନ ନେଇ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ପ୍ରଶାସନକୁ ସାଧାରଣ ଲୋକଙ୍କ ନିକଟତର କରିବା ପାଇଁ ଆନନ୍ଦପୁରକୁ ପ୍ରାଥମିକତା ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ୧୯୯୩ ମସିହା ଜିଲ୍ଲା ପୁନର୍ଗଠନରେ ଆନନ୍ଦପୁର ବାଦ ପଡ଼ିଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ହେଲେ ବର୍ତ୍ତମାନ ପ୍ରସ୍ତାବିତ ପୁନର୍ଗଠନ ପ୍ରକ୍ରିୟାରେ ଆନନ୍ଦପୁରବାସୀ ବେଶ ଆଶାବାଦୀ। କେନ୍ଦୁଝର ସଦର ମହକୁମାଠାରୁ ଆନନ୍ଦପୁର ପ୍ରାୟ ୧୦୦ କିମି ଦୂରତାରେ ଅବସ୍ଥିତ। ଏତେ ଦୂରତ୍ୱ ଯୋଗୁଁ ପ୍ରଶାସନିକ କ୍ଷେତ୍ରରେ ସ୍ୱଭାବିକ ଭାବରେ ଦୁଇ ଅଞ୍ଚଳ ମଧ୍ୟରେ ସମନ୍ୱୟର ଅଭାବ ପରଲକ୍ଷିତ ହୁଏ।

### ପରକୀୟା ପ୍ରୀତିର କରୁଣ କାହାଣୀ

## ବିବାହିତ ଯୁବକଙ୍କୁ ହତ୍ୟା

**ଘଟଗାଁ, ୭।୧୨(ସମିସ):** ଘଟଗାଁ ଥାନା ଅନ୍ତର୍ଗତ ଢେଙ୍କିକୋଟ ମାର୍କେଟ ସଂଲଗ୍ନ ପାତ୍ର ସାହି ନିକଟରେ ଗତକାଲି ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ଉକ୍ତ ପାତ୍ର ସାହିର ଶେଷ ମୁଣ୍ଡରେ ଘରକରି ରହୁଥିବା ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କ ଘରକୁ ଆସୁଥିବା ଉକ୍ତ ବିବାହିତ ଯୁବକଙ୍କ ମୃତଦେହ ମିଳିଛି। ସୂଚନା ଅନୁସାରେ ୨ ସନ୍ତାନର ଜନନୀ ଉକ୍ତ ମହିଳାଙ୍କ ଘରକୁ ବିଭିନ୍ନ ସମୟରେ ବହୁ ଲୋକ ଯା' ଆସ କରିଥାନ୍ତି। ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଖଣ୍ଡଘର ଗ୍ରାମର ଭାରତ ଭୁଷଣ ନାଏକ ଓରଫ ଛବି ନାଏକ ମଧ୍ୟ ଯିବା ଆସିବା କରୁଥିଲେ ଓ ରାତିରେ ରହୁଥିଲେ। ତେବେ ଗତକାଲି ରାତିରେ ଢେଙ୍କାନାଳ ଭୁବନରୁ ବିରେନ୍ଦ୍ର ସାହୁ ମଧ୍ୟ ଉକ୍ତ ମହିଳାଙ୍କ ଘରକୁ ଆସିଥିବା ବେଳେ ଛବିଙ୍କୁ ସେଠାରେ ଦେଖିବାକୁ ପାଇଥିଲେ। ଉଭୟଙ୍କ ମଧ୍ୟରେ ଏ ନେଇ ପାଟିତୁଣ୍ଡ ଓ ମାରପିଟ୍ ହୋଇଥିଲା। ତେବେ ରାତିରେ ଉଭୟ ଆପୋଷ ବୁଝାମଣା କରି ଖାଇପିଇ ମହିଳାଙ୍କ ଘରେ ଶୋଇଥିଲେ। ସକାଳେ ଛବି ନାଏକର ମୃତଦେହ ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରୁ ରାତିରେ ବିରେନ୍ଦ୍ର ସାହୁ ଚାଲିଯାଇଥିଲା। ଘଟଣା ପ୍ରଘଟ ହେବା ପରେ ଘଟଗାଁ ଥାନା ଅଧିକାରୀ ଅଞ୍ଜନ କୁମାର ପାତ୍ର, ଢେଙ୍କିକୋଟ ଫାଣ୍ଡି ଏଏସ୍‌ଆଇ, ସୁରଥ ଦେହୁରି, ସାଇଣ୍ଟିଫିକ ଦଳ ପହଞ୍ଚି ତଦନ୍ତ କରିଛନ୍ତି। ଛବିର ମୃତଦେହକୁ ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ବ୍ୟବଚ୍ଛେଦ କରା।ଇଛି। ତେବେ ମହିଳାଙ୍କୁ ଘଟଗାଁ ଥାନାରେ ଅଟକ ରଖାଯାଇଛି। ପରକିୟା ପ୍ରୀତି ପାଇଁ ଏପରି ଘଟିଥିବା ଅଭିଯୋଗ ହୋଇଛି।

## ଜନଜାତି ଆୟୋଗ ସଦସ୍ୟଙ୍କ ଜନ ଶୁଣାଣି

**ଯୋଡ଼ା/ବଡ଼ବିଲ, ୭।୧୨(ସମିସ):** ଯୋଡା ବ୍ଲକର ଦୁଇଟି ସ୍ଥାନରେ ଜାତୀୟ ଜନଜାତି ଆୟୋଗ ସଦସ୍ୟ ଅନନ୍ତ ନାୟକଙ୍କ ଦ୍ୱାରା ବିଭିନ୍ନ ଅଭିଯୋଗ ନେଇ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନରେ ଯୋଡ଼ା ବ୍ଲକ ଗୁଆଲି ପଞ୍ଚାୟତ ଗନ୍ଧଲପଦାରେ ଜନଶୁଣାଣି ଅନୁଷ୍ଠିତ ହୋଇଥିବା ବେଳେ ଅପରାହ୍ନରେ ବଡ଼ବିଲ ପୌରାଞ୍ଚଳରେ ଆୟୋଜିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଲୋକେ ବହୁ ସଂଖ୍ୟାରେ ଉପସ୍ଥିତ ରହି ନିଜର ବିଭିନ୍ନ ସମସ୍ୟା ଉପରେ ଆପତ୍ତି ଅଭିଯୋଗ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ରାସ୍ତା, ପାନୀୟ ଜଳ, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପିଡିଏସ କାର୍ଡ ସମେତ ବିଭିନ୍ନ ସମସ୍ୟା ନେଇ ଲୋକମାନଙ୍କ ଅଭିଯୋଗ ହୋଇଥିଲା। ଯୋଡା ବ୍ଲକ ବଡ଼ବିଲ ନିକଟସ୍ଥ ହାୟରପୁର ଗ୍ରାମର ନିରୀହ ଆଦିବାସୀ ଙ୍କୁ ଜଗନ୍ନାଥ ଷ୍ଟୀଲ ପକ୍ଷରୁ ମିଥ୍ୟା କେସ୍ ଓ ପୁଲସ ଜୁଲମ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଭୂୟାଁ ବରପଦା ଗ୍ରାମର ଶ୍ମଶାନ ଜମିକୁ ଏକ ଖଣି କମ୍ପାନୀ ଜବର ଦଖଲ କରି ସେଠାରେ ନିଜର କ୍ରସର୍ ନିର୍ମାଣ କରିଥିବାରୁ ଲୋକେ ଶବ ସତ୍କାର ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଥିବାରୁ ଉକ୍ତ ଶ୍ମଶାନ ଜମିକୁ ପୁନଃ ଗ୍ରାମବାସୀଙ୍କୁ ପ୍ରଦାନ କରାଯିବା ନେଇ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଶୁଣାଣି ସମୟରେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ବଡ଼ବିଲ ବିକାଶ ମହଲ ଠାରେ ଆୟୋଜିତ ଏହି ଅଭିଯୋଗ ଶୁଣାଣିରେ ସମୁଦାୟ ୩ ଶହରୁ ଅଧିକ ଅଭିଯୋଗର ଶୁଣାଣି ହୋଇଥିଲା। ଏହି ଶୁଣାଣିରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଅକ୍ଷୟ କୁମାର ପିଙ୍ଗୁଆ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବୈଦ୍ୟନାଥ ମାଝୀ, ସୁକାନ୍ତି ପାତ୍ର, କମଳକାନ୍ତ ବେହେରାଙ୍କ ସହ ରାଜ୍ୟ ଆଦିବାସୀ କମିଶନ କାର୍ଯ୍ୟାଳୟର ନିର୍ଦ୍ଦେଶକ ଜେଜେ ସରୋଡେ, ଜି ମୁଣ୍ଡେ, ଡିକେ ପଲେଇ, ଡି ବି ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ



**କେନ୍ଦୁଝର, ୭।୧୨ (ସମିସ):** ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ତଥା କେନ୍ଦୁଝର ଜିଲ୍ଲା ପ୍ରଶାସନ ସହଯୋଗରେ ଆୟୋଜିତ ତିନିଦିନିଆ ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ ଆଶିଷ ଠାକ୍‌ରେଙ୍କ ଅନୁମୋଦନ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଉପନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ କେନ୍ଦୁଝର ସଞ୍ଜୀବ ବାରିକ, ଡେପୁଟି କଲେକ୍ଟର ବସୁନ୍ଧରା ଭିତିରିଆ ଏବଂ ଅନୀତା ନାଏକ, ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ରମେଶ ଚନ୍ଦ୍ର ନାଏକ, ଗଣମାଧ୍ୟମର ପ୍ରତିନିଧି, ଶିକ୍ଷାବିତ, ଛାତ୍ରଛାତ୍ରୀ ତଥା ଜନସାଧାରଣ ଉପସ୍ଥିତ ଥିଲେ। ଉକ୍ତ ପ୍ରଦର୍ଶନୀରେ ଓଡ଼ିଶାର ଖ୍ୟାତନାମା ଚିତ୍ରଶିଳ୍ପୀ ବିମ୍ବାଧର ବର୍ମା, ବସନ୍ତ ପଣ୍ଡା, ଯତୀନ ଦାସ, ଅଜିତ କେଶରୀ ରାୟ, ବିଭୁତି କାନୁନଗୋ, ରବିନାରାୟଣ ନାୟକ ପ୍ରମୁଖ ଚିତ୍ରଶିଳ୍ପୀଙ୍କର ମୋଟ ୪୦ଟି ଚିତ୍ରକଳା ସ୍ଥାନ ପାଇଛି। କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉକ୍ତ ପ୍ରଦର୍ଶନୀ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ପଞ୍ଚାନନ ସାମଲଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଛି।

## ଆମ ପୁଲିସ ସମିତି ସଚେତନତା କାର୍ଯ୍ୟକ୍ରମ

**ହାଟଡିହି, ୭।୧୨(ସମିସ):** ହାଟଡିହି ବ୍ଲକ ନନ୍ଦିପଦା ଥାନାର ଆମ ପୁଲିସ ସମିତି ପକ୍ଷରୁ ଓରାଳି ଉଚ୍ଚ ବିଦ୍ୟାଳୟରେ ଯୌନ ଶୋଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଆମ ସମିତି ପୁଲିସର ସୁଧାଂଶୁ ଶେଖର ଦକ୍ଷିଣ ରାୟ ଙ୍କ ସଭାପତିତ୍ୱରେ ଏସଡିପିଓ ଆନନ୍ଦପୁର ପ୍ରଶାନ୍ତ କୁମାର ବେହେରା, ନନ୍ଦିପଦା ଥାନା ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର, ଓରାଳି ହାଇସ୍କୁଲ ପ୍ରଧାନ ଶିକ୍ଷକ ଅନିଲ କୁମାର ସିଂ, ଓରାଳି ପଞ୍ଚାୟତ ସରପଞ୍ଚ ହରିଶ୍ଚନ୍ଦ୍ର ଜେନା, ସମିତିସଭ୍ୟ ଦେବବ୍ରତ ବେହେରା, ଆମ ପୁଲିସ ସମିତିର ସଦସ୍ୟ ବିରେନ୍ ବିଶ୍ୱାଳ, ବାଳକୃଷ୍ଣ ନାୟକ, ମନମୋହନ ବେହେରା, କିଶୋର ଆଚାର୍ଯ୍ୟ, ଦୁଃଶାସନ ସାହୁ, ସିଆର୍‌ସିସି ଆଲୋକ କୁମାର ନାଥ ସମେତ ବହୁ ବିଭାଗର କର୍ମଚାରୀ ଉପସ୍ଥିତ ରହିଥିଲେ। ଏହି ସମୟରେ ବିଦ୍ୟାଳୟର ଦୁର୍ଯ୍ୟୋଧନ ଜେନା, ଜିତ ରଞ୍ଜନ ବେହେରା, ପ୍ରମୁଖ ସହଯୋଗ କରିଥିଲେ।

## ବିକାଶ ରଥକୁ ସମ୍ବର୍ଦ୍ଧନା

**ତୁରୁମୁଙ୍ଗା, ୭।୧୨ (ସମିସ):** ପାଟଣା ବ୍ଲକ ବୁଢୀକାପୁଡି ଓ ଚେମେଣା ପଞ୍ଚାୟତରେ ବିକଶିତ ଭାରତ ସଙ୍କଳ୍ପ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏହି ରଥ ବୁଢ଼ୀକାପୁଡ଼ି ପଞ୍ଚାୟତରେ ପହଞ୍ଚିବା ପରେ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚାର ଉପସଭାପତି ରାଧାକାନ୍ତ ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ସୁବୋଧ ରଞ୍ଜନ ସେଠୀ, ଡ୍ରୋନ ଆସିଷ୍ଟାଣ୍ଟ ରଶ୍ମିରେଖା ସେଠୀ ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଜନା ଉପରେ ହିତାଧିକାରୀଙ୍କୁ ବୁଝାଇଥିଲେ। ସେହିପରି ଚେମେଣା ପଞ୍ଚାୟତରେ ଅନୁଷ୍ଠିତ ବିକଶିତ ଭାରତ ସଂକଳ୍ପ ଯାତ୍ରାର ରଥକୁ ଭବ୍ୟ ସମ୍ବର୍ଦ୍ଧନା କରାଯାଇଥିଲା। ଏଥିରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରବଳ ବର୍ଷାରେ ସ୍କୁଲ ଛାତ୍ରଛାତ୍ରୀ ଭିଜି ଭିଜି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ, ସମ୍ମାନିତ ଅତିଥି ଭାବରେ ଚେମେଣା ସରପଞ୍ଚ ହେମଲତା ନାଏକ, ସମିତି ସଭ୍ୟ ମନୋଜ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତଥିଲେ।

### ବିଦ୍ୟାଳୟ ଓ ଜନବସତିରେ କୁକୁଡ଼ା ଫାର୍ମ

## ପ୍ରଶାସନକୁ ଫେରାଦ ହେଲେ କୋଡ଼ପଡ଼ା ଗ୍ରାମବାସୀ

**ଆନନ୍ଦପୁର, ୭।୧୨(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ କୋଡ଼ପଡ଼ା ଗ୍ରାମରେ ଜନବସତି ଓ ବିଦ୍ୟାଳୟ ନିକଟରେ କୁକୁଡ଼ା ଫାର୍ମ କରିବା ଘଟଣାରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ଗ୍ରାମବାସୀ ବିରୋଧ କରୁଥିବା ବେଳେ ଏପରି ଫାର୍ମକୁ ବନ୍ଦ କରିବା ପାଇଁ କେତେକ ଅଞ୍ଚଳବାସୀ ପ୍ରଶାସନଠାରେ ଫେରାଦ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ମିଳିଥିବା ସୂଚନାନୁଯାୟୀ, କୋଡ଼ପଡ଼ାରେ କରାଯାଇଥିବା କୁକୁଡ଼ା ଫାର୍ମ ଯୋଗୁଁ ଅଞ୍ଚଳବାସୀ ଅତିଷ୍ଠ ହୋଇପଡ଼ିଛନ୍ତି। ଜନବସତି, ବିଦ୍ୟାଳୟ, ବ୍ୟାଙ୍କ, ଦୋକାନବଜାର ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଥିବା କେନ୍ଦ୍ରସ୍ଥଳରେ ଏହି କୁକୁଡା ଫାର୍ମ କରାଯାଇଥିବାରୁ ଏହି ଅଞ୍ଚଳ ପ୍ରଦୂଷିତ ହୋଇପଡ଼ିଛି। ଏହାର ଦୁର୍ଗନ୍ଧରେ ସାଧାରଣ ଲୋକେ ଅତିଷ୍ଠ ହୋଇପଡ଼ିଥିବା ବେଳେ ବିଦ୍ୟାଳୟ ନିକଟରେ ଏହା କରାଯାଇଥିବାରୁ ଛାତ୍ରଛାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। କୋଡ଼ପଡ଼ା ସମେତ ଆଖପାଖ ଅଞ୍ଚଳରୁ ଦୋକାନ ବଜାରକୁ ଆସୁଥିବା ଜନସାଧାରଣ ଦୁର୍ଗନ୍ଧ ଯୋଗୁ ପ୍ରତିକ୍ରିୟା ପ୍ରକାଶ କରିଥିବା ବେଳେ ବଜାରରେ ଥିବା ଦୋକାନୀ ଓ ବ୍ୟବସାୟୀମାନେ ଅଣନିଃଶ୍ୱାସି ହୋଇପଡ଼ିଲେଣି। ଅଞ୍ଚଳବାସୀଙ୍କ ବିରୋଧ ସତ୍ତ୍ୱେ କୁକୁଡ଼ା ଫାର୍ମ କରାଯାଇଥିବାରୁ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏନେଇ ସଚେତନ ନାଗରିକମାନଙ୍କ ପକ୍ଷରୁ ଦିପୁନୁ କୁମାର ଶର୍ମା, ଅମିତାଭ ସାହୁ, ସୋମନାଥ ଓଝା, ବଟକୃଷ୍ଣ ସେଠୀ, ସୁକାନ୍ତ ଓଝା, ରଞ୍ଜନ ପାତ୍ର, ସୌମ୍ୟରଞ୍ଜନ ଦାସ, ପ୍ରମୋଦ ରଣା, ମୁନା ପଲେଇ, ଆଲୋକ ବାରିକ, ଆଦିତ୍ୟ ପ୍ରସାଦ ବେହେରା, ଦିଲୀପ ଥାପା, ଆଲୋକ ବାରିକ, ଅକ୍ଷୟ କୁମାର ପଲେଇ, ଯୁଗ ବେହେରା, କୈଳାଶ ପଲେଇ, କୁନା ସାହୁ ଓ ରାମ ହାଁସଦା ପ୍ରମୁଖ କେନ୍ଦୁଝର ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ଏହି କୁକୁଡ଼ା ଫାର୍ମ ବନ୍ଦ କରାନଗଲେ ଗ୍ରାମବାସୀ ନ୍ୟାୟଳୟର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଥିବା ଜଣାଯାଇଛି।



### ଆନନ୍ଦପୁର ଶିଳ୍ପ ତାଲିମ ଅନୁଷ୍ଠାନ

## ବେଆଇନ ନିଯୁକ୍ତି ନେଇ ବଢୁଛି ଅସନ୍ତୋଷ

**ଆନନ୍ଦପୁର, ୭।୧୨(ସମିସ):**

କେନ୍ଦୁଝର ଜିଲ୍ଲା ଆନନ୍ଦପୁରଠାରେ ଥିବା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ବ୍ୟାପକ ଅନିୟମିତତା ଓ ବିନା ଅନୁମତିରେ ହୋଇଥିବା ବେଆଇନ ନିଯୁକ୍ତିକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ନୀତିନିୟମ ଉଲ୍ଲଙ୍ଘନ କରି ବେଆଇନ ଭାବେ କଟିଂ ଆଣ୍ଡ ସୁଇଁ ବିଭାଗରେ ଜଣେ ମହିଳାଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ଏ ନେଇ ବିଭାଗୀୟ ମନ୍ତ୍ରୀଙ୍କଠାରେ ସଂଗୀନ ଅଭିଯୋଗ ହୋଇଛି। କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ବିଭାଗର ତିନି ବର୍ଷ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାକୁ ନିୟମ ଥିବା ବେଳେ ଗତ ୨୦୨୧ ମସିହାରେ ଆନନ୍ଦପୁର ଶିଳ୍ପ ତାଲିମ ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇଥିବା ତନସ୍ମିତା ନାୟକଙ୍କୁ ନିଯୁକ୍ତି ଦିଆଯାଇଥିବା ଘଟଣାର ତଦନ୍ତ ପାଇଁ ବିଭାଗୀୟ ନିର୍ଦ୍ଦେଶକଙ୍କଠାରେ ଆନନ୍ଦପୁରର କେତେକ ସଚେତନ ନାଗରିକ ଦାବି କରିଥିବା ଜଣାଯାଇଛି। ସେହିପରି ବିନା ଟେଣ୍ଡରରେ ଲକ୍ଷ ଲକ୍ଷ ଟଙ୍କାର ନିର୍ମାଣ କାର୍ଯ୍ୟ କରାଯାଇ ସରକାରୀ ଅର୍ଥ ହରିଲୁଟ ହେଉଥିବା ଅଭିଯୋଗ ହୋଇଛି। ଟ୍ରେଡ୍ ବେଷ୍ଟ ଟ୍ରେନିଂ କେନ୍ଦ୍ର ଭାବେ ପରିଚିତ ଆନନ୍ଦପୁର ଆଇଟିଆଇରେ ଛାତ୍ରଛାତ୍ରୀଙ୍କ ପାଇଁ ମେଟେରିଆଲ ଅଭାବ ଥିବାବେଳେ ମେଟେରିଆଲସ କିଣା ନାଁରେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାର ଦକ୍ଷତା ବିକାଶ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଇ ବୈଷୟିକ ଶିକ୍ଷା ପ୍ରତି ଆକୃଷ୍ଟ କରାଉଥିବା ବେଳେ ଆନନ୍ଦପୁର ସରକାରୀ ତାଲିମ କେନ୍ଦ୍ରରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଭୟରେ ଛାତ୍ରଛାତ୍ରୀମାନେ ମୁହଁ ଖୋଲି ପାରୁନଥିବା ବେଳେ ଏହାକୁ ନେଇ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି। ମାଟ୍ରିକ ପାସ୍ କରି ବୈଷୟିକ ଶିକ୍ଷା ପ୍ରତି ଆକୃଷ୍ଟ କରି ଛାତ୍ରଛାତ୍ରୀଙ୍କର ଦକ୍ଷତାର ବିକାଶ ଦିଗରେ ରାଜ୍ୟ ସରକାର କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଥିବା ବେଳେ ଆନନ୍ଦପୁର ଶିଳ୍ପ ତାଲିମ କେନ୍ଦ୍ରରେ ଛାତ୍ରଛାତ୍ରୀଙ୍କୁ ଗୋତି ଶ୍ରମିକ ଭାବେ ବ୍ୟବହାର କରାଯିବା ଘଟଣାରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଏପରି ଅନିୟମିତତା ଓ ବେଆଇନ ନିଯୁକ୍ତିର ତଦନ୍ତ କରାଯାଇ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ମହାଲକ୍ଷ୍ମୀ ମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ

**ଯୋଡ଼ା, ୭।୧୨ (ସମିସ):** କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ୫ ନଂ ୱାର୍ଡର ଲକ୍ଷ୍ମୀପଡ଼ିଆରେ ଥିବା ମା'ଲକ୍ଷ୍ମୀଙ୍କ ମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ ଗୁରୁବାର ଠାରୁ ଆରମ୍ଭ ହୋଇଛି। ତିନିଦିନ ଧରି ଅନୁଷ୍ଠିତ ହେଉଥିବା ଏହି ବାର୍ଷିକ ଉତ୍ସବ ଗୁରୁବାର ଘଟ ଉତ୍ତୋଳନ ଓ କଳସଯାତ୍ରା ହୋଇଥିବା ଜଣାପଡ଼ିଛି। ପ୍ରଥମ ଦିନ ୧୦୮ ମହିଳା ଭକ୍ତଗଣ କଳସ ଶୋଭାଯାତ୍ରାରେ ସାମିଲ ହୋଇ ନେପାଳୀ ହଟିଂ ନିକଟସ୍ଥ ସୁନାନଦୀ ଘାଟରୁ ଘଟ ଆଣି ଯଜ୍ଞ ସ୍ଥଳରେ ପହଞ୍ଚି ଥିଲେ। ତପୃରେ ସୂର୍ଯ୍ୟପୂଜା, ଧେନୁ ପୂଜା, ମହାଲକ୍ଷ୍ମୀ ପୂଜାର୍ଚ୍ଚନା ଯଥାରୀତି ପୂର୍ବକ ଅନୁଷ୍ଠିତ ହେଉଛି। ଶୁକ୍ରବାର ଦିନ ଗୀତା ମହାଯଜ୍ଞ ଓ ଶନିବାର ଚଣ୍ଡୀ ମହାଯଜ୍ଞ ଅନୁଷ୍ଠିତ ହେବାକୁ ଥିବା ବେଳେ ସନ୍ଧ୍ୟା ୭ ଘଟିକା ସମୟରେ ପୂର୍ଣ୍ଣାହୁତି ହେବ ବୋଲି ସୂଚନା ମିଳିଛି। ଯୋଡା ଅଞ୍ଚଳର ପ୍ରାୟ ସ୍ଥାନରୁ ଏହି ମନ୍ଦିରରେ ଦର୍ଶନ ନିମନ୍ତେ ଆସୁଥିବା ଶ୍ରଦ୍ଧାଳୁ ଭିଡ ଲାଗିରହିଥିବା ବେଳେ ସନ୍ଧ୍ୟା ସମୟରେ ଭଜନ ସନ୍ଧ୍ୟା ଓ ପ୍ରାସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ସୂଚନା ମିଳିଛି। ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ପରିଚାଳନାରେ ଏହି ଉତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଶ୍ରଦ୍ଧାଳୁଙ୍କ ଭିଡ ମନ୍ଦିର ପରିସରରେ ଦେଖିବାର ପରିଲକ୍ଷିତ ହୋଇଛି। କମିଟି ସଭାପତି ଦୁଃଶାସନ ସାହୁ, ଉପ ସଭାପତି ନୀଳମଣି ମହାନ୍ତି, ସମ୍ପାଦକ ରବି ନାରାୟଣ ଦାସ, ଯୁଗ୍ମ ସମ୍ପାଦକ ହୃଷୀକେଶ ଜେନାଙ୍କ ପରିଚାଳନାରେ ପ୍ରତିଷ୍ଠା ଉତ୍ସବ ପାଳନ ହେଉଥିବା ଜଣାପଡ଼ିଛି।

